## ସଂକ୍ଷେପରେ

### ଲଘୁ ଖଣିଜ ପଦାର୍ଥ ଚୋରି ରୋକିବେ ଓଆଇଏସ୍ଏଫ୍ ଯବାନ

କାଏମା,୧୭।୨(ଶିବପ୍ରସାଦ ମହାନ୍ତି)

ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ୨୫୦୦ ହୋମଗାର୍ଡ ପଦବୀ ସୃଷ୍ଟି କରାଯିବ ବୋଲି ସରକାର ସ୍ଥିର କରିଛନ୍ତି। ଏଥିରେ ବେକାର ଯୁବତୀଯୁବକମାନେ ନିଯୁକ୍ତି ପାଇବେ । ଏଥିସହ ଟ୍ରାଫିକ ବ୍ୟବସ୍ଥା ସୁପରିଚାଳନା ପାଇଁ ୨ ହଜାର ନୂତନ ପଦବୀ ସୃଷ୍ଟି କରାଯିବ । ଓଡ଼ିଶାରେ ସାଇବର କ୍ରାଇମ ଦିନକୁ ଦିନ ବଢିବାରେ ଲାଗିଛି, ଏହା ଚିନ୍ତାର ବିଷୟ ହୋଇଛି । ଏହାକୁ ନଜରରେ ରଖି ସରକାର ନୂତନ ଭାବେ ରାଜ୍ୟରେ ୨୦ ସାଇବର ପୋଲିସ ଷ୍ଟେଶନ ଖୋଲିବକୁ ପ୍ରସ୍ତାବ ରଖିଛନ୍ତି । ସେହିପରି ଲଘୁ ଖଣିଜ ପଦାର୍ଥ ଚୋରି ରୋକିବା ଲାଗି ସରକାର ଓଡ଼ିଶା ଶିଳ୍ପ ବଳ (ଓଆଇଏସ୍ଏଫ୍ ) ଯବାନଙ୍କୁ ମୁତୟନ କରିବା ପାଇଁ ୫୮ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି । ସରକାରଙ୍କ ଏହି ପଦକ୍ଷେପକୁ ବିଧାୟକ ହିମାଂଶୁ ଶେଖର ସାହୁ ପ୍ରଶଂସା କରିଛନ୍ତି ।

# ବିରୋଧୀ, ଶାସକ ପ୍ରତିନିଧିଙ୍କ ମଧ୍ୟରେ କଥା କଟାକଟି

### ବିଞ୍ଝାରପୁର ପଞ୍ଚାୟତ ସମିତିର ସ୍ୱତନ୍ତ୍ର ବୈଠକ

ବିଞ୍ଝାରପୁର,୧୭।୨(ରାମକୃଷ୍ଣ ଦାସ):

ବିଞ୍ଝାରପୁର ବ୍ଲକ ସଭା ଗୃହରେ ରବିବାର ଛୁଟି ଦିନରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକ ବ୍ଲକ ଅଧକ୍ଷା ରଞ୍ଜିତା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ଯାଜପୁର ଏମ୍ପିଙ୍କ ପ୍ରତିନିଧି ପୁରୁଷୋତ୍ତମପୁର ବେହେରା, ଉପାଧ୍ୟକ୍ଷ ସେକ ଇର୍ସାଦ, ବିଡ଼ିଓ ସୀତାଂଶୁ ସାମଲ , ଜିଲା ପରିଷଦ ସଭ୍ୟା,ସଭ୍ୟ, ସରପଞ୍ଚ, ସମିତିସଭ୍ୟ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ । ବୈଠକରେ ବିକଶିତ ଗାଁ ବିକଶିତ ଓଡ଼ିଶା ପ୍ରକଳ୍ପଗୁଡିକ କିପରି ଗ୍ରାମସଭାରେ ପାରିତ ହୋଇ କାର୍ଯ୍ୟକାରୀ ହେବ ସେ ବିଷୟରେ ଆଲୋଚନା ହୋଇଥିଲା । ଭତ୍ତା ହିତାକାରୀମାନଙ୍କୁ ଠିକ୍ ଭାବେ ଚୟନ କରାଯାଇ ଯଥା ସମୟରେ କିପରି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ ସେ ବିଷୟରେ ଆଲୋଚନା ହୋଇଥିଲା । ଆବାସ ଯୋଜନାର ସର୍ଭେ ସମ୍ପୂର୍ଣ୍ଣ କରାଯାଇ ଯୋଗ୍ୟ ହିତାକାରୀ କିପରି ସୁବିଧା ପାଇବେ ସେ ସଂକ୍ରାନ୍ତରେ ଆଲୋଚନା ହୋଇଥିଲା । ଉକ୍ତ ବୈଠକରେ ବିଧାୟିକା ତଥା ବିରୋଧି ଦଳର ମୁଖ୍ୟ ସଚେତକ ପ୍ରମିଳା ମଲିକଙ୍କ ପ୍ରଶ୍ନରେ ଅଡୁଆରେ ପଡିଥିଲେ ଏମ୍ପିଙ୍କ ପ୍ରତିନିଧି ବେହେରା । ପ୍ରମିଳା କହିଥିଲେ, ଆମ ଓଡିଶା ନବୀନ ଓଡିଶା ଯୋଜନା ମାଧ୍ୟମରେ ପ୍ରତି ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କା ମିଳୁଥିଲା କିନ୍ତୁ ସରକାର ବଦଳିବା ପରେ ନୂତନ ସରକାର ଏହି ଯୋଜନାର ନାମକୁ ବଦଳାଇ ବିକଶିତ ଗାଁ ବିକଶିତ ଓଡିଶା କରିବା ସହ ଏହି ଯୋଜନାରେ ଆସୁଥିବା ଅର୍ଥକୁ ମଧ୍ୟ ହ୍ରାସ କରାଯାଇ ମାତ୍ର ୧୧ ଲକ୍ଷ ପ୍ରତି ପଞ୍ଚାୟତକୁ ଦେବା ପାଇଁ ଅନୁମତି ମିଳିଛି। ତେବେ ସରକାର ଜନ ସାଧାରଣଙ୍କ ପ୍ରତି କେଉଁ ପ୍ରକାର ଅନୁକମ୍ପା ଦେଖାଇଛନ୍ତି । କେବଳ ନାମ ପରିବର୍ତ୍ତନ କଲେ ହେବ ନାହିଁ ଗାଁ ର ଉନ୍ନତି କରିବାକୁ ହେଲେ ସରକାର ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବା ଦରକାର । ଏ ସରକାର ଜନ ସାଧାରଣଙ୍କୁ କେବଳ ଭୁଆଁ ବୁଲାଉଛନ୍ତି । ରଙ୍ଗ ବଦଳାଇ ଏବଂ ନାମ ପରିବର୍ତ୍ତନ କରିଚାଲିଛନ୍ତି । କୌଣସି ନୂତନ ଯୋଜନ କାର୍ଯ୍ୟକାରୀ କରୁ ନାହାନ୍ତି । ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ବିକଶିତ ଗାଁ ବିକଶିତ ଓଡ଼ିଶାର ସଫଳ ରୂପାନ୍ତର ନିମନ୍ତେ ସ୍ଥାନୀୟ ସରପଞ୍ଚମାନେ ସ୍ୱର ଉଠାଇବା ସହ ପୂର୍ବ ସରକାରଙ୍କ ଭଳି ଏହି ସରକାର ସମାନ ଅର୍ଥ ପ୍ରଦାନ କରିବାକୁ ଦାବି କରିଥିଲେ। ଯାହାର ଉତ୍ତରରେ ଏମ୍ପିଙ୍କ ପ୍ରତିନିଧି କିଛି ଉତ୍ତର ନ ଦେବା ସହ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଦୁର୍ନୀତି ହୋଇଥିବା ଅଭିଯୋଗ କରିଥିଲେ । ଅନ୍ୟପଟେ ସ୍ଥାନୀୟ ସରପଞ୍ଚମାନେ ଏହାର ପ୍ରମାଣ ମାଗିବା ସହ ଏମ୍ପିଙ୍କ ପ୍ରତିନିଧି କହିଥିବା କଥାକୁ ଫେରାଇ ନେବାକୁ ଦାବି କରିଥିଲେ ।


ପଞ୍ଚାୟତ ସମିତିର ସ୍ୱତନ୍ତ୍ର ବୈଠକରେ ଯୋଗଦେଇଥିବା ଜନପ୍ରତିନିଧି ।

# ସାହିତ୍ୟିକ ଉମେଶ ପାତ୍ରଙ୍କୁ ଜ୍ଞାନଜ୍ୟୋତି ସମ୍ମାନ

ଛତିଆ,୧୭।୨(ସୌର୍ଯ୍ୟ ରଞ୍ଜନ ସାହୁ):

ବଡ଼ଚଣା ବ୍ଲକ ଛତିଆ ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ୍ ତଥା ସୁସାହିତ୍ୟିକ ତଥା ସ୍ତମ୍ଭକାର ଉମେଶ ଚନ୍ଦ୍ର ପାତ୍ରଙ୍କୁ ତାଙ୍କ ସାରସ୍ୱତ ସାଧନା ନିମନ୍ତେ କେନ୍ଦୁଝର ଜିଲା ଆନନ୍ଦପୁରର ଅଗ୍ରଣୀ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ପ୍ରୀତି ପ୍ରଣତି ତରଫରୁ ଭୁବନେଶ୍ୱର ବୁଦ୍ଧମନ୍ଦିରଠାରେ ଆୟୋଜିତ ଚତୁର୍ଥ ବାର୍ଷିକ ସାହିତ୍ୟ ଉତ୍ସବରେ 'ଜ୍ଞାନଜ୍ୟୋତି' ସମ୍ମାନରେ ସମ୍ମାନୀତ କରାଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ରୂପେ ବର୍ଷୀୟାନ ସାହିତ୍ୟିକ ପ୍ରସନ୍ନ ପାଟ୍ଟଶାଣୀ ଯୋଗ ଦେଇଥିଲେ । ପାତ୍ର ଏବେ ତାଳଚେରର ଡିଏଭି ଡେରାର ବରିଷ୍ଠ ଓଡ଼ିଆ ଶିକ୍ଷକ ରୂପେ କାର୍ଯ୍ୟରତ। ପାତ୍ର ୨୦୧୪-୧୫ ମସିହାରେ ଶିକ୍ଷାଦାନରେ ଉତ୍କର୍ଷ ନିମନ୍ତେ କେନ୍ଦ୍ର ମାନବ ସମ୍ବଳ ବିକାଶ ବିଭାଗରୁ ସ୍ୱତନ୍ତ୍ର ପ୍ରଶଂସା ପତ୍ର ପାଇଛନ୍ତି । ୨୦୨୨ରେ ପ୍ରୀତି ପ୍ରଣତି ରାଜ୍ୟସ୍ତରୀୟ ଗାଳ୍ପିକ ପୁରସ୍କାର ଏବଂ ପୂର୍ବରୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓଡ଼ିଶା ଥିଏଟର ଏକାଡେମୀ ତରଫରୁ ନାଟ୍ୟ ପ୍ରତିଭା ରୂପେ ସମ୍ମାନିତ ହୋଇଥିଲେ। କଠୋର ସାଧନା ଏବଂ ମା' ଦୁର୍ଗାଙ୍କ ଅପାର କରୁଣା ହିଁ ଏହି ସଫଳତାର ମୁଖ୍ୟ ଆଧାର ବୋଲି ପାତ୍ର କହିଛନ୍ତି।


ଉମେଶ ପାତ୍ରଙ୍କୁ ଜ୍ଞାନଜ୍ୟୋତି ସମ୍ମାନ ପ୍ରଦାନ କରାଯାଉଛି ।

### ବିଡ଼ି ଶ୍ରମିକ ସଂଘର ବାର୍ଷିକୋତ୍ସବ

ବ୍ରହ୍ମବରଦା,୧୭।୨ (ଯାଯାତି କେଶରୀ ବେହେରା):

ରସୁଲପୁର ବ୍ଲକ ବ୍ରହ୍ମବରଦା ପଞ୍ଚାୟତ ଆଞ୍ଚଳିକ ବିଡି ଶ୍ରମିକ ସଂଘର ୫୦ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସଂଘର ସଭାପତି ପ୍ରଦୀପ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସର୍ବସମ୍ମତି କ୍ରମେ ପୁର୍ନବାର ସଂଘର ସଭାପତି ଭାବେ ଦାସଙ୍କୁ ମନୋନୀତ କରାଯାଇଥିଲା । ଅବହେଳିତ ଅବସ୍ଥାରେ ଥିବା ଅବସରପ୍ରାପ୍ତ ବିଡ଼ି ଶ୍ରମିକଙ୍କ ବର୍ଦ୍ଧିତ ପେନସନ, ବ୍ରହ୍ମବରଦାସ୍ଥିତ ବିଡି ଶ୍ରମିକ ଡ଼ାକ୍ତରଖାନାରେ ଓଡ଼ିଆ ଡାକ୍ତରଙ୍କ ନିଯୁକ୍ତି ସହିତ ଆବଶ୍ୟକୀୟ ଔଷଧ ଯୋଗାଣ ଓ ମଜୁରୀ ବୃଦ୍ଧି ଆଦି ପ୍ରସଙ୍ଗ ଉପରେ ଦାବି ଉପସ୍ଥାପନ କରିବେ ବୋଲି ଦାସ ପ୍ରତିଶ୍ରୁତି ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସଂଘର ସମ୍ପାଦକ ଗୌତମ ସାମଲ ବାର୍ଷିକ ବିବରଣୀ ପାଠ କରିଥିଲେ। ଯୁଗ୍ମ ସମ୍ପାଦକ ସୁରେନ୍ଦ୍ର ଦାସ, ସାଧାରଣ ସମ୍ପାଦକ ଧନେଶ୍ୱର ସାହୁ, କୋଷାଧକ୍ଷ ସେକ ଜୁହୁର ମହମ୍ମଦ ଅତିଥି ଭାବେ ଉପସ୍ଥିତ ଥିଲେ। ବ୍ରହ୍ମବରଦା, ବନ୍ଧଡ଼ିହ, ମହେଶ୍ୱରପୁର, କାକୁଡ଼ିକୁଦ ସମେତ ଆଖପାଖ ଅଞ୍ଚଳର ଶତାଧିକ ସଭ୍ୟ ଯୋଗ ଦେଇଥିଲେ। ଉପସଭାପତି ନିରଞ୍ଜନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଆମେ ସ୍ରଷ୍ଟାଙ୍କ ଉପସ୍ଥିତି ଅନୁଭବ କରୁଛୁ :ବାବା ବଳିଆ

ବରୀ,୧୭।୨(ମହେନ୍ଦ୍ର ସ୍ୱାଇଁ):

ଧରିତ୍ରୀ । ଧ ଶବ୍ଦର ଅର୍ଥ ଧନ, ର ଶବ୍ଦର ଅର୍ଥ ରତ୍ନ, ତ ଶବ୍ଦର ଅର୍ଥ ତତ୍ତ୍ୱ। ଏ କଥାକୁ ଯିଏ ବୁଝିଛି ସେ ବଡ ମଣିଷ ନ ହେଲେ ବି ଭଲ ମଣିଷ ହୋଇପାରିଛି। ଆମେ ସମସ୍ତେ ସୃଷ୍ଟିକୁ ଦେଖିଛନ୍ତି କିନ୍ତୁ ସ୍ରଷ୍ଟାଙ୍କୁ କେବେ ଦେଖି ନ ଥିଲେ ବି ତାଙ୍କର ଉପସ୍ଥିତି ଅନୁଭବ କରୁଛୁ ବୋଲି ବରୀ ବ୍ଲକ ଅନ୍ତର୍ଗତ କୃଷ୍ଣନଗର (ଶୁକ୍ଳ ସାହି)ର ଜୟ ଜଗନ୍ନାଥ କୀର୍ତ୍ତନ ମଣ୍ଡଳୀ ଓ ଅଷ୍ଟପ୍ରହର ନାମଯଜ୍ଞର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗ ଦେଇ ପଦ୍ମଶ୍ରୀ ବାବା ବଳିଆ କହିଛନ୍ତି। ଏହି ସମାରୋହ ୭ ତାରିଖରୁ ଆରମ୍ଭ ହୋଇ ୧୭ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି। ପ୍ରଥମ ଦିନରେ ପୁରୀ ମୁକ୍ତିମଣ୍ଡପର ସଭାପତି ବିଶ୍ୱନାଥ ମିଶ୍ର, ବିରଜା ପୂଜକ ମଣ୍ଡଳୀ ସଭାପତି ପଣ୍ଡିତ ସୁବାସ ଚନ୍ଦ୍ର ପାଣି ଓ ବଳଦେବଜୀୟୁ ମନ୍ଦିର ବଡ଼ ପଣ୍ଡା ପଣ୍ଡିତ ରାଜେଶ କୁମାର କର ପ୍ରମୁଖ ସମାରୋହକୁ ଉଦଘାଟନ କରିଥିଲେ। ଗାୟିକା ଭାନୁମତୀ ଦାସଙ୍କ ଦ୍ୱାରା ପାଲା ପରିବେଷଣ କରା ଯାଇଥିବା ବେଳେ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରବଚକ ବିରେନ୍ଦ୍ର କୁମାର ପଣ୍ଡାଙ୍କ ପ୍ରବଚନ ଅତ୍ୟନ୍ତ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିପାରିଥିଲା। କଳାମାଟିଆ ମଠ ମହାରାଜ, ସନ୍ଥପୁରା ମଠ ମହାରାଜ ଏବଂ ପଣ୍ଡିତ ରତିକାନ୍ତ ତ୍ରିପାଠୀ ଯୋଗଦେଇ ପୂଜ୍ୟପୂଜା ପରିଷଦ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସନ୍ଧ୍ୟାରେ ପ୍ରବଚନ ପ୍ରଦାନ କରାଯାଇଥିଲା। ୧୫ ତାରିଖ ସନ୍ଧ୍ୟାରେ ବାବା ବଳିଆ କଥାମୃତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲ। ରବିବାର କୀର୍ତ୍ତନ ଓ ସୋମବାର ନଗର ଭ୍ରମଣ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ବ୍ରଜ ବିହାରୀ ଶୁକ୍ଳ, ସମ୍ପାଦକ ବିଭୂତି ଭୂଷଣ ମହାନ୍ତି ଓ ପୂଜ୍ୟ ପୂଜାର ସଭାପତି ଡ଼ ଭାଗବତ ଶୁକ୍ଳ, ସମ୍ପାଦକ ଗୁରୁ ଚରଣ ମହାନ୍ତି, ଶରତ କୁମାର ମହାନ୍ତି, ନଟବର ମହାନ୍ତି ଓ ପ୍ରଦୀପ ଶୁକ୍ଳ ପ୍ରମୁଖ ସହଯୋଗ କରିଥିଲେ। ଚଳଚ୍ଚିତ୍ର ନିର୍ଦ୍ଦେଶକ ବିକାଶ ପଣ୍ଡା ଅଧ୍ୟବାଦ ଅର୍ପଣ କରିଥିଲେ ।


ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ବାବା ବଳିଆ ପ୍ରବଚନ ପ୍ରଦାନ କରୁଛନ୍ତି ।

### ରାମେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଧର୍ମଶାଳା,୧୭।୨(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ ଥାନୁଆଳ ପଞ୍ଚାୟତ କାନପୁରଠାରେ ଗ୍ରାମବାସୀଙ୍କ ଉଦ୍ୟମରେ ୪ଦିନ ବ୍ୟାପୀ ଅନୁଷ୍ଠିତ ହୋଇଆସୁଥିବା ଶ୍ରୀ ରାମେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ ଉତ୍ସବ ସୋମବାର ଉଦ୍ଯାପିତ ହୋଇଛି। ଶନିବାର ଶତାଧିକ ଶ୍ରଦ୍ଧାଳୁ ସ୍ଥାନୀୟ ପୁଷ୍କରଣୀରୁ ପବିତ୍ର ଜଳ କଳସରେ ଆଣି ଏକ ଶୋଭାଯାତ୍ରାରେ ଗ୍ରାମପରିକ୍ରମା କରିବା ପରେ ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ । ଯଜ୍ଞକୁଣ୍ଡରେ ଅଗ୍ନୀ ସଂଯୋଗ କରାଯାଇଥିଲା । ସେମାବାର ସୂର୍ଯ୍ୟ ନାରାୟଣ ପୂଜା, ଗୁରୁପୂଜା, ଗୋମାତା ପୂଜା, ବିଗ୍ରହମାନଙ୍କ ନ୍ୟାସ୍ ପ୍ରତିଷ୍ଠା ସହ ପୂର୍ବାହ୍ନ ୧୧ଟାରେ ବିଗ୍ରହଙ୍କ ମନ୍ଦିରରେ ପ୍ରବେଶ ହୋଇଥିଲା। ମହାଦେବଙ୍କ ନବଯୌବନ ଦର୍ଶନ ଅନୁଷ୍ଠିତ ହୋଇ ଅପରାହ୍ନରେ ପୂର୍ଣ୍ଣାହୂତି ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଇ ବିଭୂକୃପା ଲାଭ କରିଥିଲେ। ସନ୍ଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା ବୋଲି ଗ୍ରାମବାସୀଙ୍କ ପକ୍ଷରୁ ଶ୍ରୀନିବାସ ଜେନା ସୂଚନା ଦେଇଛନ୍ତି।

# ଜିଲା ଚିକିତ୍ସା ଅଧିକାରୀ, ପ୍ରାଣୀଧନ ନିରୀକ୍ଷକ ସମ୍ମାନିତ

ଜେନାପୁର,୧୭।୨(ଅଶୋକ ଦାସ):

କୃତ୍ରିମ ପ୍ରଜନନର ସଫଳତା ନିମନ୍ତେ ଯାଜପୁର ଜିଲା ଚିକିତ୍ସା ଅଧିକାରୀ ଓ ପ୍ରାଣୀଧନ ନିରୀକ୍ଷକଙ୍କୁ ସମ୍ମାନୀତ କରାଯାଇଛି । ଭୁବନେଶ୍ୱର ବରମୁଣ୍ଡାସ୍ଥିତ ବିଜୁ ପଟ୍ଟନାୟକ ଖେଳ ପଡ଼ିଆଠାରେ ୩ ଦିନ ଧରି ଚାଲୁଥିବା ରାଜ୍ୟସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ସମାବେଶରେ ଏହି ସମ୍ମାନ ପ୍ରଦାନ କରାଯାଇଛି । ଯାଜପୁର ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ସୁବ୍ରତ କୁମାର ମହାପାତ୍ର ଓ ଧର୍ମଶାଳା ଗୋଷ୍ଠୀ ପ୍ରାଣୀ ଚିକିତ୍ସା କେନ୍ଦ୍ର ଅଧୀନ ଜେନାପୁର ପ୍ରାଣୀ ନିରୀକ୍ଷକ ବସନ୍ତ କୁମାର ସାହୁଙ୍କୁ ବିଭାଗ ପକ୍ଷରୁ ଅତିଥିମାନେ ଏଥିପାଇଁ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରିଛନ୍ତି ।



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ହୋଇଥିବା ଜିଲା ଚିକିତ୍ସାଧିକାରୀ ଓ ପ୍ରାଣୀଧନ ନିରୀକ୍ଷକ ।

# ମୃତ ଡିଏସ୍ପିଙ୍କୁ ଜିଲା ପୋଲିସ ପକ୍ଷରୁ ଶ୍ରଦ୍ଧାଞ୍ଜଳି

ପାଣିକୋଇଲି, ୧୭।୨ (ବିକାଶ କୁମାର ମଲିକ):

ଯାଜପୁର ଜିଲା ପୋଲିସରେ କାର୍ଯ୍ୟରତ ଥିବା ଡିଏସ୍ପି(ଅପରାଧ ଶାଖା ) ବଳରାମ ନାୟକଙ୍କ ଜଗତସିଂହପୁର ଜିଲାକୁ ବଦଳି ହୋଇଥିଲା । ତାଙ୍କୁ ସମ୍ବର୍ଦ୍ଧନା ଦେବା ଲାଗି ରବିବାର ଜିଲା ପୋଲିସ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଥିଲା । ହେଲେ ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ଚାନ୍ଦପୁର ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ସେ ଓ ତାଙ୍କର ସମ୍ପର୍କୀୟଙ୍କ ମୃତ୍ୟୁ ଘଟିଥିଲା। ଉଭୟଙ୍କ ମୃତଦେହ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ବିଳମ୍ବିତ ରାତିରେ ଜିଲା ପୋଲିସ ମୁଖ୍ୟାଳୟରେ ପହଞ୍ଚି ଥିଲା। ଶୋକାକୁଳ ପରିବେଶରେ ଜିଲା ପୋଲିସ ତରଫରୁ ବଳରାମଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଜିଲା ଆରକ୍ଷୀ ଅଧୀକ୍ଷକ ଯଶ ପ୍ରତାପ ଶ୍ରୀମଲ, ଅତିରିକ୍ତ ଏସ୍ପି ଅନିରୁଦ୍ଧ ସାମନ୍ତରାୟ, ପୁଷ୍ପଲତା ବାରିକ, ଡିଏସ୍ପି ଅନୀଲ ପ୍ରଧାନ, ମିନତୀ ବେହେରା, ପାଣିକୋଇଲି ଥାନାଧିକାରୀ ରଞ୍ଜିତ ମହାନ୍ତି,ଯାଜପୁର ଥାନାଧିକାରୀ ଶରତ ଚନ୍ଦ୍ର ପାତ୍ର, ଯାଜପୁର ରୋଡ଼ ଥାନାଧିକାରୀ ଉପେନ୍ଦ୍ର ପାତ୍ର, କୋରାଇ ଥାନାଧିକାରୀ ରାକେଶ ତ୍ରିପାଠୀ, ଯଖପୁର ଥାନାଧିକାରୀ ଲିଜାରାଣୀ ବିଶ୍ୱାଳଙ୍କ ସମେତ ସମସ୍ତ ଥାନାଧିକାରୀ ଓ ହାବିଲଦାର ଓ କନ୍ଷ୍ଟେବଳ ସଂଘ ସଭାପତି ଦିଲୀପ କୁମାର ଦାସ,ଗୃହରକ୍ଷୀ ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ।


ଡିଏସ୍ପିଙ୍କ ଶବଧାରରେ ଏସ୍ପି ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି ।

### ବଳକା ଖାଦ୍ୟ ବଣ୍ଟାଗଲା

ପାଣିକୋଇଲି,୧୭।୨ (ବିକାଶ କୁମାର ମଲିକ):

ପାଣିକୋଇଲିରେ ହୋଇଥିବା ଏକ ଭୋଜିରେ କିଛି ଖାଦ୍ୟ ବଳି ପଡ଼ିଥିଲା। ଏ ନେଇ ଭୋଜିର ଆୟୋଜନ କରିଥିବା ବ୍ୟକ୍ତି ପାଣିକୋଇଲିର ଆମେ ଆପଣଙ୍କ ପାଇଁ ହେଲପିଂ ଗ୍ରୁପକୁ ଜଣାଇଥିଲେ। ଗ୍ରୁପର ଉପଦେଷ୍ଟା ସୁବାସ ଧଳ, ତାରିଣୀ କୁମାର ପଟ୍ଟନାୟକ, ସଭାପତି ଅଶୋକ କୁମାର ଦାସ, ପ୍ରଦୀପ କୁମାର ମାଝୀ, ହରେକୃଷ୍ଣ ସାହୁ, ବିନାୟକ ବେହେରା, ଅଜିତ କୁମାର ସାହୁ, ମେଘନାଦ ଜେନା ପ୍ରମୁଖ ସେହି ଖାଦ୍ୟକୁ ଦାମୋଦରପୁର ଗ୍ରାମରେ ଥିବା ଆଦିବାସୀ ବସ୍ତିରେ ବଣ୍ଟନ କରିଥିଲେ । ଫଳରେ ବଳକା ଖାଦ୍ୟ ନଷ୍ଟ ହୋଇ ନ ଥିବାରୁ ଏହି ଉଦ୍ୟମକୁ ସାଧାରଣରେ ପ୍ରଶଂସା କରାଯାଇଛି ।

# ଜନଶୁଣାଣି ଶିବିର, ୧୧୩ ଅଭିଯୋଗ ପଞ୍ଜିକୃତ

ରସୁଲପୁର,୧୭।୨(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ପ୍ରଶାସନ ପକ୍ଷରୁ ନଠୁଆବର ପଞ୍ଚାୟତରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ରସୁଲପୁର ବିଡିଓ ସତ୍ୟାନନ୍ଦ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଅଭିଯୋଗ ଶୁଣାଣି ଶିବିରରେ ବିଭିନ୍ନ ବିଭାଗ ସମ୍ପର୍କରେ ୧୧୩ ଅଭିଯୋଗ ପଞ୍ଜିକୃତ ହୋଇଛି । ଉକ୍ତ ଅଭିଯୋଗ ଗୁଡିକୁ ସେହି ବିଭାଗକୁ ପ୍ରଦାନ କରାଯାଇ ତଦନ୍ତ କରାଯିବା ପରେ ପଦକ୍ଷେପ ନିଆଯିବ । ଏହି ଶିବିରରେ ସ୍ୱଚ୍ଛ ଭାରତ ମିଶନ ଜରିଆରେ ବ୍ୟକ୍ତିଗତ ପାଇଖାନା, ଶୋଷକ ଖାତ, ଖତଗାଡିଆ ଆଦି ନିର୍ମାଣ, ପଞ୍ଚାୟତର ବିଭିନ୍ନ ସ୍ଥାନରୁ ଅଳିଆ ଆବର୍ଜନା ଆଦିର ସୁପରିଚାଳନାକୁ ନେଇ ୨୯ ଅଭିଯୋଗ ଆସିଥିଲା । ବ୍ଲକ ଯୋଗାଣ ଅଧିକାରୀଙ୍କ ନିକଟକୁ ରାଶନକାର୍ଡରେ ନାମ ସଂଯୋଗ କରିବା, ନୂତନ ରାଶନକାର୍ଡ, କାର୍ଡରୁ ପରିବାରକୁ ପୃଥକ କରିବା ଭଳି ୫୩ ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ବ୍ଲକ ସାମାଜିକ ସୁରକ୍ଷା ବିଭାଗକୁ ୨୭ ଅଭିଯୋଗ ଆସିଥିଲା । ଦୀର୍ଘଦିନ ହେବ ଭତ୍ତା ପାଇଁ ଆବେଦନ କରି ଭତ୍ତା ପାଇବାକୁ ଅପେକ୍ଷା କରିଥିବା ବ୍ୟକ୍ତି, ୮୦ବର୍ଷ ଓ ତା'ଠାରୁ ଊର୍ଦ୍ଧ୍ୱ ବ୍ୟକ୍ତିମାନଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଇ ନ ଥିବା ଭଳି କେତେକ ବିଷୟରେ ଅଭିଯୋଗ ହୋଇଛି । ବ୍ଲକ ମହିଳା ଓ ଶିଶୁ ବିଭାଗକୁ ୪ ଅଭିଯୋଗ ଆସିଛି । ଉକ୍ତଶିବିରରେ ବ୍ଲକ ପ୍ରଶାସନ ପକ୍ଷରୁ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇ ଶିବିରକୁ ପରିଚାଳନା କରିଥିଲେ ।


ଜନଶୁଣାଣି ଶିବିରରେ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ ।

# ମାତା,ପିତାଙ୍କ ଅବଦାନ ଈଶ୍ୱରଙ୍କ ଆଶୀର୍ବାଦ ସଦୃଶ

### ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ

ସିଂହପୁର,୧୭।୨(ଅନଙ୍ଗ ଉଦୟ ବେଉରିଆ):

ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ, ସିଂହପୁର ପକ୍ଷରୁ ଅନୁଷ୍ଠାନର ସଭାପତି ପଦ୍ମନାଭ ଦାଶଙ୍କ ଅଧ୍ୟକ୍ଷତାରେ ୧୩ତମ ବାର୍ଷିକ ଉତ୍ସବ 'ପ୍ରଜ୍ଞା ପ୍ରଣାମ'କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ତଥା ଖରସ୍ରୋତା ପୁସ୍ତକ ମେଳା କମିଟିର ମୁଖ୍ୟ ଉପଦେଷ୍ଟା ସୁଶାନ୍ତ କୁମାର ନାୟକ ବିବରଣୀ ପାଠ କରିଥିଲେ। କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟର ଅନ୍ୟତମ ନିର୍ଦ୍ଦେଶକ କାବ୍ୟା ପ୍ରିୟଦର୍ଶିନୀ ଧଳ ମୁଖ୍ୟଅତିଥି ରୂପେ ଯୋଗଦେଇ ପିତାମାତାଙ୍କ ଅବଦାନ କୌଣସି ମାତ୍ରାରେ ଈଶ୍ୱରଙ୍କ ଆଶୀର୍ବାଦଠାରୁ କମ୍ ନୁହଁ ବୋଲି ମତବ୍ୟକ୍ତ କରିଥିଲେ। ସାହିତ୍ୟିକ ଗୌରହରି ଦାସ ମୁଖ୍ୟବକ୍ତା, ବିଶିଷ୍ଟ ବକ୍ତା ଭାବେ ପ୍ରୀତି ପ୍ରତିଭା ଭୋଳ ଓ ଶିକ୍ଷାବିତ୍ ସୁଧୀର କୁମାର ଜେନା ପ୍ରମୁଖ ଯୋଗଦେଇ ବିଭିନ୍ନ ପରାମର୍ଶ ଦେଇଥିଲେ। ପ୍ରାଧ୍ୟାପକ ଉଦୟ ନାରାୟଣ ପରିଡ଼ା ଓ ଅନୁଷ୍ଠାନର ପ୍ରତିଷ୍ଠାତା ରବୀନ୍ଦ୍ର କୁମାର ଜେନା ସମ୍ମାନୀତ ଅତିଥି ରୂପେ ଯୋଗଦେଇଥିଲେ । ଖରସ୍ରୋତା ପୁସ୍ତକ ମେଳା କମିଟିର ପ୍ରତିଷ୍ଠାତା ସଭାପତି ପଦ୍ମାକର ଗୁରୁ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ଏହି ଅବସରରେ ପତ୍ରିକାର ସମ୍ପାଦକ ତଥା ଖରସ୍ରୋତା ପୁସ୍ତକ ମେଳା କମିଟିର ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ପ୍ରାଧ୍ୟାପକ ଅଜୟ କୁମାର ଓଝାଙ୍କ ସମ୍ପାଦନାରେ ମୁଖପତ୍ର 'ପ୍ରଜ୍ଞା ପ୍ରଣାମ'କୁ ବରେଣ୍ୟ ଅତିଥି ମାନେ ଉନ୍ମୋଚନ କରିଥିଲେ । ଏହି ଅବସରରେ ଶିଶିର କୁମାର ନାୟକଙ୍କୁ ପ୍ରଜ୍ଞା ଭୂଷଣ ସମ୍ମାନ, ମରଣୋତ୍ତର ଭାବେ ସ୍ୱର୍ଗତ ସର୍ବେଶ୍ୱର ନାୟକଙ୍କୁ ପ୍ରଜ୍ଞା ବିଭୂଷଣ ଓ ସିଂହପୁର ର ପ୍ରାକ୍ତନ ସରପଞ୍ଚ କନେଇ ବାରିକଙ୍କୁ ପ୍ରଜ୍ଞାଶ୍ରୀ ସମ୍ମାନରେ ସମ୍ମାନୀତି କରାଯାଇଥିଲା । ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ ସଭାକୁ ବିଞ୍ଝାରପୁରର ପ୍ରାକ୍ତନ ତହସିଲଦାର ତଥା ବିଡିଓ ଅକ୍ଷୟ କୁମାର ମଲିକ ଉଦଘାଟନ କରିଥିଲେ। ଲିଟିଲ ଷ୍ଟାର ଗ୍ରୁପ ଓ ମୌସୁମୀ ଗ୍ରୁପର କଳାକାରମାନେ ବିଭିନ୍ନ ନୃତ୍ୟ ପରିବେଷଣ କରିଥିଲେ. ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସଙ୍ଗୀତ ନିର୍ଦ୍ଦେଶକ ଦିନେଶ ମଲିକଙ୍କ ନିର୍ଦ୍ଦେଶନାରେ ସମୀକ୍ଷା ଲେଙ୍କା ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ଅନୁଷ୍ଠାନର ସମ୍ପାଦକ ନାୟକ ଙ୍କ ଲିଖିତ ସାମଜିକ ନାଟକ 'ନିଧନ ସଙ୍ଗାଳୀ'କୁ ଆହ୍ୱାନ ଗ୍ରୁପର ନିର୍ଦ୍ଦେଶକ ବିଶ୍ୱଜିତ ସାହୁଙ୍କ ନିର୍ଦ୍ଦେଶନାରେ ସାଥୀ କଳାକାରମାନେ ପରିବେଷଣ କରିଥିଲେ।

# ଚଣ୍ଡିଖୋଲ-ଦୁବୁରୀ ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟର ସମୀକ୍ଷା

ଜେନାପୁର,୧୭।୨(ଅଶୋକ ଦାସ):

ଯାଜପୁର ଜିଲା ଚଣ୍ଡିଖୋଲ-ଦୁବୁରୀ ୫୩ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ ଓ କବାଟ ବନ୍ଧ ନିକଟସ୍ଥ ଦ୍ୱିତୀୟ ବ୍ରାହ୍ମଣୀ ସେତୁ ନିର୍ମାଣ କାର୍ଯ୍ୟକୁ ନେଇ ଜେନାପୁର ଥାନା ପରିସରରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଥାନା ଅଧିକାରୀ ନିରୁପମା ଜେନା ଅଧ୍ୟକ୍ଷତା କରିଥିଲେ । ଜାତୀୟ ରାଜପଥ ଅଧିକାରୀ ମନୋଜ କୁମାର, ଠିକା ସଂସ୍ଥା ଏମ୍ଏସ୍ଆଇଏଲ୍ ପକ୍ଷରୁ ସଂଗ୍ରାମ କେଶରୀ ସାମଲ, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ସଚେତନ ନାଗରିକ ମଞ୍ଚ ପକ୍ଷରୁ ସରୋଜ ବେହେରା, ପରମାନନ୍ଦ ସାହୁ, ସୁବ୍ରତ ସାହୁ, ଅଶୋକ କୁମାର ଦାସ, ଯଶବନ୍ତ ସାହୁ, ସୌମ୍ୟ ରଞ୍ଜନ ସାହୁ, ମହେଶ୍ୱର ସ୍ୱାଇଁ, ଆଲୋକ ବେହେରା, ଦେବାଶିଷ ବେହେରା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ରାଜପଥ ନିର୍ମାଣରେ ଅହେତୁକ ବିଳମ୍ବ ସହିତ ଅନ୍ୟାନ୍ୟ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଏହାର ତୁରନ୍ତ ସମାଧାନ ପାଇଁ ଗୁରୁତ୍ୱ ଦିଆଯିବା ସହ ପୁରୁଣା ବ୍ରାହ୍ମଣୀ ସେତୁର ମରାମତି ପାଇଁ ଠିକା ସଂସ୍ଥା ପକ୍ଷରୁ ଲିଖିତ ପ୍ରତିଶ୍ରୁତି ଦିଆଯାଇଥିଲା।


ସମୀକ୍ଷା ବୈଠକରେ ଯୋଗଦେଇଥିବା ଠିକା ସଂସ୍ଥାର ଅଧିକାରୀ, ସଚେତନ ନାଗରିକ ମଞ୍ଚର କର୍ମକର୍ତ୍ତା ଓ ଅନ୍ୟମାନେ ।

# ଶିଳ୍ପ ପ୍ରତିଷ୍ଠା ଭାବାବେଗ ନିର୍ବାଚନ ପ୍ରତିଶ୍ରୁତି ପାଲଟିଛି

କେନ୍ଦ୍ରାପଡ଼ା, ୧୭।୨ (ଜଗନ୍ନାଥ ଧଳ)

■ କାର୍ଯ୍ୟକାରୀ ହେଉନାହିଁ ମଞ୍ଜୁରୀପ୍ରାପ୍ତ ୯ ଶିଳ୍ପ ପ୍ରକଳ୍ପ
■ ୨୦ ହଜାରରୁ ଊର୍ଦ୍ଧ୍ୱ ପାଇଥାନ୍ତେ କର୍ମନିଯୁକ୍ତି

ଭୁବନେଶ୍ୱରଠାରେ ଜାନୁଆରୀ ୨୮ ଓ ୨୯ ତାରିଖରେ ଉତ୍କର୍ଷ ଓଡ଼ିଶା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ମେକ୍ ଇନ୍ ଓଡ଼ିଶା ଷ୍ଟାମ୍ପରେ ରାଜ୍ୟକୁ ଶିଳ୍ପ ସମୃଦ୍ଧ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହା ଆୟୋଜିତ ହୋଇଥିଲା। ୧୬.୭୩ ଲକ୍ଷ କୋଟି ଟଙ୍କର ପୁଞ୍ଜି ନିବେଶରେ ୫୯୩ ପ୍ରକଳ୍ପ ମଧ୍ୟରୁ ୧୪୫ଟି କମ୍ପାନୀ ରାଜ୍ୟ ସରକାର ଏମ୍ଓୟୁ କରିଛନ୍ତି। ତେବେ ଏହି ସମ୍ମିଳନୀରେ କେନ୍ଦ୍ରାପଡ଼ା ଜିଲା ପାଇଁ କୌଣସି ଆଖିଦୃଶିଆ ପ୍ରକଳ୍ପ ନାହିଁ। ଅପରପକ୍ଷରେ ୨୦୧୨ରୁ ୨୦୨୩ ପର୍ଯ୍ୟନ୍ତ ତତ୍କାଳୀନ ରାଜ୍ୟ ସରକାରଙ୍କ ମଞ୍ଜୁରୀ ଓ ବିଭିନ୍ନ କମ୍ପାନୀ ସହ ଏମ୍ଓୟୁ ସତ୍ତ୍ୱେ ମୋଟ ୯ଟି ମଧ୍ୟରୁ ଗୋଟିଏ ଶିଳ୍ପ ପ୍ରକଳ୍ପ ଆରମ୍ଭ ହୋଇପାରିନାହିଁ। କୃଷିଭିତ୍ତିକ କେନ୍ଦ୍ରାପଡ଼ା ଜିଲାରେ ଶିଳ୍ପ ପ୍ରତିଷ୍ଠା ଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବାବେଳେ ନିର୍ବାଚନ ସମୟରେ ଏହାର ପ୍ରୟୋଗ ହୁଏ ବୋଲି ଜିଲାରେ ଆଲୋଚନା ହେଉଛି।

ଏ ସମ୍ପର୍କରେ ଖଡ଼ିଅଙ୍ଗର ସାମାଜିକ କର୍ମୀ କ୍ଷିତୀଶ କୁମାର ସିଂ, ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ, ଉତ୍କଳମଣି ଯୁବକ ସଂଘ ସଭାପତି ଗୌତମ କୁମାର ବେହେରା, ଯୁବ ଶିଳ୍ପୋଦ୍ୟୋଗୀ ନିହାର ରଞ୍ଜନ ପ୍ରଧାନ ପ୍ରମୁଖ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାବାସୀଙ୍କ ଭାବାବେଗରେ ଶିଳ୍ପ ପ୍ରତିଷ୍ଠା ଯୋଡ଼ିହୋଇଛି। ଏହାର ଫାଇଦା ବିଭିନ୍ନ ସମୟରେ ରାଜନେତା ନେଇଛନ୍ତି। ୨୦୦୯ରେ ବରୁଣେଇ ବନ୍ଦର ପ୍ରତିଷ୍ଠା ଓ ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟର ପ୍ରଥମ ନଦୀଭିତ୍ତିକ ବନ୍ଦର ପ୍ରତିଷ୍ଠା ହେବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଦୁଇ ବନ୍ଦର ପାଇଁ ଅଦ୍ୟାବଧି ଭିତ୍ତିପ୍ରସ୍ତର ସ୍ଥାପନ ହୋଇପାରିନାହିଁ। ୨୦୧୨ ମସିହାରେ ମାର୍ଶାଘାଇ ବ୍ଲକ କଳାଗଡ଼ଠାରେ ଓଡ଼ିଶା ପାୱାର କନ୍‌ଷ୍ଟ୍ରକ୍ସନ ଲିମିଟେଡ୍ ପକ୍ଷରୁ ୭୫୦ ମେଗାୱାଟ୍ ଗ୍ୟାସ୍ ବେସ୍‌ଡ ପାୱାର ପ୍ଲାଣ୍ଟ ପ୍ରକଳ୍ପକୁ ତତ୍କାଳୀନ ରାଜ୍ୟ ସରକାର ମଞ୍ଜୁରୀ ଦେଇଥିଲେ। ଏଠାରେ ୮୨୫ ଏକର ଜମି ଅଧିଗ୍ରହଣ ହେବା ସହିତ କମ୍ପାନୀ ସହ ଏମ୍ଓୟୁ ହୋଇଥିଲା। ୨୦୧୭ରେ ଏହାର ଅବଧି ସରିଥିବା ବେଳେ ଅଧିଗ୍ରହଣ ହୋଇଥିବା ଜମି ଏବେ ପଡ଼ିଆ ପଡିଛି। ସେହିପରି ମହାକାଳପଡ଼ା ବ୍ଲକ ଯଦୁପୁରଠାରେ ଅଢ଼େଇ ଲକ୍ଷ ବର୍ଗଫୁଟର ୱେୟାର ହାଉସ, ୫୦ ହଜାର ବର୍ଗଫୁଟର ଶୀତଳଭଣ୍ଡାର, ଟ୍ରକ ପାର୍କିଂ ଆଦିର ପ୍ରକଳ୍ପ ପାଇଁ ଶ୍ରବଣ ଶିପିଙ୍ଗ୍ ପ୍ରାଇଭେଟ୍ ଲିମିଟେଡ୍‌କୁ ୨୦୨୦ ମସିହାରେ ମଞ୍ଜୁରୀ ମିଳିଥିଲା। ମହାକାଳପଡ଼ାରେ ବୃହତ୍ ଶିଳ୍ପ ଗଠନ ହେବ ବୋଲି ୨୦୨୧ ମସିହାରେ ଘୋଷଣା ସହ ଷ୍ଟିଲ ଶିଳ୍ପ ପାଇଁ ୧୦୨,୨୭୫ କୋଟି ଟଙ୍କାର ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ଏଥିପାଇଁ ଜିଲାରେ ଜମି ଅଧିଗ୍ରହଣ ପ୍ରକ୍ରିୟା ଜାରି ରହିଛି। ତେବେ ଏହି ବୃହତ୍ ଶିଳ୍ପ ପ୍ରତିଷ୍ଠା ଜିଲାବାସୀଙ୍କ ସ୍ୱପ୍ନ ଏବେ ବି ଅଧୁରା ରହିଛି। ଦୈନିକ ୨୦୦ କିଲୋଲିଟରର ଇଥାନେଲ ଓ ୫ ମେଗାୱାଟ୍ ପାୱାର ପାଇଁ ପ୍ଲାଣ୍ଟ ପ୍ରକଳ୍ପକୁ ୨୦୨୨ ମସିହାରେ ବ୍ରହ୍ମପୁତ୍ର ବାୟୋକେମିକାଲ ପ୍ରାଇଭେଟ୍‌କୁ ମଞ୍ଜୁରୀ ମିଳିଛି। କେନ୍ଦ୍ରାପଡ଼ାରେ ଏହି ପ୍ରକଳ୍ପ ହେବ ବୋଲି ଜିଲାବାସୀ ଜାଣିଥିଲେ ମଧ ପ୍ରକଳ୍ପ ପାଇଁ କୌଣସି ପ୍ରୟାସ ନାହିଁ। ସେହିପରି ଅଏଲ ଇଣ୍ଡିଆକୁ ପାଟକୁରାଠାରେ ଏକ ପ୍ରକଳ୍ପ ପାଇଁ ସେହି ବର୍ଷ ମଞ୍ଜୁରୀ ମିଳିଥିଲେ ମଧ ଏହା କାର୍ଯ୍ୟକାରୀ ହେଉନାହିଁ। ୨୦୨୩ ଡିସେମ୍ବର ୭ରେ ଷ୍ଟେଟ ଲେଭଲ ସିଙ୍ଗଲ ୱିଣ୍ଡୋ କ୍ଲିଅରାନ୍ସ ଅଥରିଟି ୱେଲସ୍ପନ ଲିଭିଙ୍ଗ ଲିମିଟେଡ୍‌ର ଗ୍ରୀନ୍ ଆମୋନିଆ ଓ ଗ୍ରୀନ୍ ହାଇଡ୍ରୋଜେନ ପ୍ଲାଣ୍ଟ, ମାର୍ଶାଘାଇଠାରେ ଟେରି ଟାୱେଲ ପ୍ରକଳ୍ପକୁ ମଞ୍ଜୁରୀ ଦେଇଥିଲେ। ଏହା ଅଦ୍ୟାବଧି କାର୍ଯ୍ୟକାରୀ ହୋଇନାହିଁ। ଏଥିସହ ଗ୍ରୋ ମାକ୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ମାର୍ଶାଘାଇରେ ପ୍ଲାଷ୍ଟିକ ସାମଗ୍ରୀ ଓ କୈବଲ୍ୟ ଲଜିଷ୍ଟିକ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ରେଳ ଭିତ୍ତିଭୂମି ପ୍ରକଳ୍ପକୁ ତତ୍କାଳୀନ ରାଜ୍ୟ ସରକାର ମଞ୍ଜୁରୀ ଦେଇଥିଲେ। ଏହି ୯ ପ୍ରକଳ୍ପ ପାଇଁ ୨୦,୪୪୭ ଜଣ କର୍ମନିଯୁକ୍ତି ପାଇବେ ବୋଲି ସୂଚନା ମିଳିଥିଲା। ଜିଲାରେ ସମ୍ପ୍ରତି ୫୪ ହଜାରରୁ ଊର୍ଦ୍ଧ୍ୱ ଯୁବବର୍ଗ କର୍ମନିଯୁକ୍ତି ପାଇଁ ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜରେ ନାମ ପଞ୍ଜୀକରଣ କରିଛନ୍ତି। ଏଠାରେ ଶିଳ୍ପରେ ନିଯୁକ୍ତି ପାଇଁ କୌଣସି ଦକ୍ଷତା ଉନ୍ନତିର ଶିକ୍ଷାନୁଷ୍ଠାନ ନାହିଁ। ଏଥିସହ ଏଠାରେ କୃଷିଭିତ୍ତିକ ଓ ପର୍ଯ୍ୟଟନ ଶିଳ୍ପକୁ ଗୁରୁତ୍ୱ ଦେବାକୁ ସେମାନେ ମତ ରଖିଛନ୍ତି।




# ମିଳିତ ଅଭିଯୋଗ ଶୁଣାଣି: ୭୪ ଅଭିଯୋଗ



ଜନ ଶୁଣାଣି ଶିବିରରେ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ପଟ୍ଟାମୁଣ୍ଡାଇ, ୧୭।୨ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ କଖାରୁଣୀ ପଞ୍ଚାୟତଠାରେ ସୋମବାର ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏସ୍‌ପି ସିଦ୍ଧାର୍ଥ କଟାରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ପଟ୍ଟାମୁଣ୍ଡାଇ ବିଡିଓ ଶୁଭ୍ରାଂଶୁ ସାହୁ, ତହସିଲଦାର ପଞ୍ଚାନନ ନାୟକ, ଡେପୁଟି କଲେକ୍ଟର ପଲ୍ଲବୀ ପ୍ରିୟଦର୍ଶିନୀ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀ, ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀ ଯୋଗଦେଇ ୭୪ ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରୁ ୧୦ ସାମୁହିକ ଏବଂ ୬୪ ବ୍ୟକ୍ତିଗତ ଅଭିଯୋଗ ଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ନୂତନ ରାଶନ କାର୍ଡ ପ୍ରଦାନ, ଅନ୍ତ୍ୟୋଦୟ ଯୋଜନାରେ ନାମ ସାମିଲ କରିବା, ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ, ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତା ଓ ଜମି ସମସ୍ୟା ଆବେଦନ ପତ୍ର ଆଦି ଅଭିଯୋଗ ରହିଥିଲା। ସେହିପରି ସାମୂହିକ ଅଭିଯୋଗ ମଧ୍ୟରେ ରାସ୍ତା ମରାମତି ତଥା ନୂତନ ରାସ୍ତା ନିର୍ମାଣ, ଜଳସେଚନ ନିମନ୍ତେ ନୂତନ ଟ୍ୟୁବ୍‌ୱେଲ, ବେଆଇନ ଭାବେ ଅଧିକୃତ ସରକାରୀ ଜମି ଉଚ୍ଛେଦ ଓ ଧାନ ସଂଗ୍ରହ ବୃଦ୍ଧି ଲାଗି ଅଭିଯୋଗଗୁଡ଼ିକ ମୁଖ୍ୟ ସ୍ଥାନରେ ଥିଲା। ଏଗୁଡ଼ିକର ତୁରନ୍ତ ଫଇସଲା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଏସ୍‌ପି କଟାରିଆ ନିର୍ଦ୍ଦେଶ ଦେଇଛନ୍ତି।

# ବ୍ଲକ୍‌ର ୪ ସେଣ୍ଟରରେ ପରୀକ୍ଷା ଦେବେ ୧୪୧୨ ଜଣ, ଭୋକେଶନାଲରେ ୬ ଛାତ୍ରୀଛାତ୍ର

ରାଜକନିକା, ୧୭।୨(ସଞ୍ଜୟ କୁମାର ଦାଶ)

**ଆଜିଠାରୁ ଯୁକ୍ତ ୨ ପରୀକ୍ଷା**

ଫେବୃଆରୀ ୧୮ରୁ ଯୁକ୍ତ ୨ ପରୀକ୍ଷା ଆରମ୍ଭ ହେବାକୁ ଯାଉଛି। ଏହି କ୍ରମରେ ରାଜକନିକା ବ୍ଲକ୍‌ର ୪ଟି ସେକେଣ୍ଡାରି ସ୍କୁଲ ଶୈଳେନ୍ଦ୍ର ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ରାଜକନିକା, ଓଲାଭର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଓଲାଭର, କପିଳେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କାଟଣା ଓ ବି. ଆର୍. ସାଇନ୍ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ହାଟସାହି ୪ଟି ସେଣ୍ଟରରେ ୧୪୧୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଥିବାବେଳେ ଭୋକେଶନାଲରେ ୬ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି। ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟ ହବ୍ କରାଯାଇଛି। ସେଥିମଧ୍ୟରୁ ଶୈଳେନ୍ଦ୍ର ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବିଜ୍ଞାନ ବିଭାଗ ରେଗୁଲାରରେ ୧୨୨ଜଣ, ଏକ୍ସ-ରେଗୁଲାର ୨ଜଣ, ବାଣିଜ୍ୟ ବିଭାଗ ରେଗୁଲାରରେ ୧୧୭ ଜଣ, ଏକ୍ସ- ରେଗୁଲାର ୧ଜଣ, କଳା ବିଭାଗ ରେଗୁଲାରରେ ୨୩୯ଜଣ, ଏକ୍ସ -ରେଗୁଲାର ୧୮ଜଣ। ସେହିପରି ଓଲାଭର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବିଜ୍ଞାନ ବିଭାଗ ରେଗୁଲାରରେ ୩୦, ଏକ୍ସ -ରେଗୁଲାର ୧ ଜଣ, ବାଣିଜ୍ୟ ବିଭାଗ ରେଗୁଲାରରେ ୪୭, ଏକ୍ସ- ରେଗୁଲାର ୩ ଜଣ, କଳା ବିଭାଗ ରେଗୁଲାରରେ ୨୮୭ ଜଣ, ଏକ୍ସ - ରେଗୁଲାର ୪୦ ଜଣ, କପିଳେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କଳା ବିଭାଗ ରେଗୁଲାରରେ ୩୦୨ ଜଣ, ଏକ୍ସ- ରେଗୁଲାର ୮ ଜଣ, ବି. ଆର୍. ସାଇନ୍ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବିଜ୍ଞାନ ବିଭାଗ ରେଗୁଲାରରେ ୬୫, ଏକ୍ସ- ରେଗୁଲାର ୧୨ ଜଣ, କଳା ବିଭାଗ ରେଗୁଲାରରେ ୯୮ଜଣ, ଏକ୍ସ-ରେଗୁଲାର ୨୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି। ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟ ହବ କରାଯାଇଥିବା ବେଳେ, ପ୍ରତ୍ୟେକ ସେଣ୍ଟରକୁ ଜଣେ ଅବଜର୍ଭର ବ୍ୟବସ୍ଥା କରାଯାଇଥିବା ନେଇ ସୁପରିଣ୍ଟେଣ୍ଡେଣ୍ଟ ଅଧିକ୍ଷା ସୁରେଖା ରାଉତ ଓ ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ସଞ୍ଜୟ କୁମାର ମହାନ୍ତି ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ପୋଲିସ ପ୍ରଶାସନ ସଜାଗ ଥିବା ଆଇଆଇସି ସଞ୍ଜୟ କୁମାର ମଲ୍ଲିକ କହିଛନ୍ତି।

# ଡେରାବିଶ ମଣ୍ଡଳସ୍ତରୀୟ ନିପୁଣ ଓଡ଼ିଶା ମେଳା



ନିପୁଣ ଓଡ଼ିଶା ମେଳା କାର୍ଯ୍ୟକ୍ରମରେ ଅତିଥିମାନେ ଶପଥ ପାଠ କରାଉଛନ୍ତି।

ଡେରାବିଶ,୧୭।୨ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ହାଇସ୍କୁଲ ପରିସରରେ ସୋମବାର ମଣ୍ଡଳସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳକୁ ଜିଲା ପରିଷଦ ସଭାପତି ଲିଲିତା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ଉତ୍ସବରେ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସ୍ୱାଗତିକା ସ୍ୱାଇଁ ପୌରୋହିତ୍ୟ କରିଥିଲେ। ଏଥିରେ ବରେଣ୍ୟ ଅତିଥି ଭାବେ ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ମଲିକ, ମୁଖ୍ୟ ମୁଖ୍ୟ ବକ୍ତା ଭାବେ ଡେରାବିଶ ବିଡିଓ ନମିତା ବାରିକ ଏବଂ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ଅରବିନ୍ଦ ମଲିକ, ବିଇଓ ଶ୍ରୀକାନ୍ତ ବେହେରା ଯୋଗଦେଇ ପ୍ରଥମରୁ ୩ୟ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗଣିତ ଓ ଭାଷାଜ୍ଞାନର ଦକ୍ଷତା ବୃଦ୍ଧି ପାଇଁ ସରକାରଙ୍କ ପକ୍ଷରୁ ନିଆଯାଇଥିବା ଏହି ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ମେଳାରେ ୧୭ଟି କ୍ଲଷ୍ଟର ପକ୍ଷରୁ ୨୦ଟି ଷ୍ଟଲ ଖୋଲାଯାଇ ଛାତ୍ରୀଛାତ୍ରଙ୍କୁ ଦକ୍ଷତା ବୃଦ୍ଧି ତାଲିମ ଦିଆଯାଇଥିଲା। ତେବେ ପ୍ରତ୍ୟେକ କ୍ଲଷ୍ଟରରୁ ୧୦ଜଣ ଲେଖାଏ ଛାତ୍ରୀଛାତ୍ର ଏହି ମେଳାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଉଦ୍‌ଯାପନୀ ଉତ୍ସବରେ ବିଇଓ ବେହେରା ମୁଖ୍ୟ ଅତିଥି ଏବଂ ଏବିଇଓ ସଚ୍ଚିକାନ୍ତ ମିଶ୍ର ଓ ଖଗେଶ୍ୱର ନାୟକ, ବିଆର୍‌ସିସି ଦେବଦତ୍ତ ଶତପଥୀ, ଗୋଲରାହାଟ ସରପଞ୍ଚ କାଶୀନାଥ କାଣ୍ଡି ଏବଂ ସମିତିସଭ୍ୟ କରୁଣାକର କାଣ୍ଡି ଅତିଥି ଭାବେ ଯୋଗଦେଇ ଏହି ମେଳାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଶିକ୍ଷକ ଈଶ୍ୱର ଚନ୍ଦ୍ର ପୃଷ୍ଟିଙ୍କ ସଂଯୋଜନାରେ ଅନୁଷ୍ଠିତ ମେଳାକୁ ବରିଷ୍ଠ ଶିକ୍ଷକ ଲଲାଟ କେଶରୀ ଭୂୟାଁ ଓ ପ୍ରକାଶ ଚନ୍ଦ୍ର ରାଉତଙ୍କ ସମେତ ସିଆର୍‌ସିସି ପ୍ରମୋଦ ମଲ୍ଲ, ଅୟେଶକାନ୍ତ ରାଉତ, କନକଲତା ପୃଷ୍ଟି, ସୁଜାତା ନାୟକ, ଅମିତା ବାଇ, ମାମୁନି ସିଂହ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ସିଆର୍‌ସିସି ରାମଚନ୍ଦ୍ର ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ। ଏହି ମେଳା ପରିଚାଳନାରେ ଶିକ୍ଷୟିତ୍ରୀଶିକ୍ଷକଙ୍କ ସମେତ କର୍ମଚାରୀମାନେ ସହଯୋଗ କରିଥିଲେ।

# ନାତିକୁ ଝୁରି ଝୁରି ଜୀବନ ହାରିଲେ ଜେଜେ

ଡେରାବିଶ,୧୭।୨(ବେବର୍ତ୍ତା ଅଜୟ ଦାସ)

ସମାଜରେ ଯୌଥ ପରିବାର ଆଉ ଦେଖାଯାଉ ନ ଥିବା ବେଳେ ସାମାଜିକ ବ୍ୟବସ୍ଥାରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ପରିବାର ଭିତରେ ସ୍ନେହ ଓ ପ୍ରେମର ବାତାବରଣ କ୍ରମଶଃ ଅପସରି ଯାଉଛି। ମାତ୍ର ଏହାର ଏକ ବ୍ୟତିକ୍ରମ ଦେଖିବାକୁ ମିଳିଛି ଡେରାବିଶ ବ୍ଲକ୍ ଅଞ୍ଚଳରେ। ବ୍ଲକ୍ ଅଧୀନ ଚାନ୍ଦୋଳ ପଞ୍ଚାୟତର ପନାପଡ଼ା ଗ୍ରାମର ଏକ ଖଟିଖିଆ ପରିବାର। ଭାଗଚାଷ ଓ ମଜୁରି ଲାଗି ୬ ପ୍ରାଣୀ କୁଟୁମ୍ବ ହସ ଖୁସିରେ ରହିଆସୁଥିଲେ। କିନ୍ତୁ ବିଧିର ବିଧାନ କିଛି ଅଲଗା। ହଠାତ୍ ଏହି ପରିବାର ଉପରେ ସତେ ଯେମିତି ଦୁଃଖର କଳା ବାଦଲ ଢାଙ୍କି ହୋଇଗଲା। ପନାପଡ଼ା ଗ୍ରାମର ଫଗୁ ବିଶ୍ୱାଳ (୭୨), ସ୍ତ୍ରୀ ମାତାଙ୍ଗିନୀ(୬୮), ପୁଅ ପ୍ରଭାତ (୪୪) ବୋହୂ ମଧୁସ୍ମିତା (୪୦), ନାତି ପାର୍ଥ ମହର୍ଷି (୧୨) ଓ ନାତୁଣୀ ପ୍ରୀତିପ୍ରଜ୍ଞା(୮)ଙ୍କ ତେଲ ଲୁଣର ସଂସାରରେ ଦୁଃଖ ମାଡ଼ି ଆସିଲା। ଏକ ଘଟଣାକ୍ରମରେ ୨୦୨୪ ଅଗଷ୍ଟ ୧୦ରେ ନାତି ପାର୍ଥ ମହର୍ଷି ଘର ନିକଟରେ ଖେଳୁଥିବା ବେଳେ ଏକ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଥିଲା। ଏହି ଘଟଣା ସେହି ସମୟରେ ଅଞ୍ଚଳରେ ଚର୍ଚ୍ଚିତ ହୋଇଥିଲା। ତେବେ ନାତିର ମୃତ୍ୟୁକୁ ସହଜରେ ଗ୍ରହଣ କରି ପାରି ନ ଥିଲେ ଜେଜେ ଫଗୁ। ନାତିକୁ ଝୁରି ଝୁରି ସେ ପାଗଳ ପ୍ରାୟ ହୋଇଯାଇଥିଲେ। ପାର୍ଥଙ୍କ ମୃତ୍ୟୁଜନିତ କାରଣରୁ ପରିବାର ଆଖିରୁ ଲୁହ ଶୁଖି ନ ଥିବାବେଳେ ଜେଜେ ଫଗୁ ଶଯ୍ୟାଶାୟୀ ହୋଇପଡ଼ିଥିଲେ। ୨ଦିନ ତଳେ ତାଙ୍କର ମୃତ୍ୟୁ ଘଟିଛି। ଅଞ୍ଚଳରେ ଜେଜେ ନାତିଙ୍କ ଅନାବିଳ ଶ୍ରଦ୍ଧା ଅଞ୍ଚଳରେ ଚର୍ଚ୍ଚାର ଖୋରାକ ଯୋଗାଇଛି।

# ୨ ପାଟନାଳୀ ପୁନରୁଦ୍ଧାର ପାଇଁ ଶିଳାନ୍ୟାସ

ରାଜନଗର, ୧୭।୨( ଭାସ୍କର ରାଉତରାୟ )

ଓଡ଼ିଶା ସରକାରଙ୍କ ଅନୁଦାନରୁ ଜଳନିକାଶ ବିଭାଜନ କେନ୍ଦ୍ରାପଡ଼ା ଦ୍ୱାରା ରାଜନଗର ବ୍ଲକ୍‌ର ଚାନ୍ଦିବାଉଁଶମୂଳ- ଗୁପ୍ତି ଓ ମହୁଲିଆ-ହରିଶପୁର ପାଟନାଳୀ ପୁନରୁଦ୍ଧାର କାର୍ଯ୍ୟର ଶିଳାନ୍ୟାସ ଅନୁଷ୍ଠିତ ହୋଇଯାଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ୨ଟି ପାଟନାଳୀର ଶିଳାନ୍ୟାସ କରିଥିଲେ। ୫ କୋଟି ଟଙ୍କା ବ୍ୟୟ ବରାଦରେ ଏହି ୨ଟି ପାଟନାଳୀ କାର୍ଯ୍ୟ ସମ୍ପାଦନ କରାଯିବ। ଏହା ଦ୍ୱାରା ମହିଷାସୁର, କୁରୁଣ୍ଡି, ହାତିନା, ବ୍ରାହ୍ମଣସାହି, ଚାନ୍ଦିବାଉଁଶମୂଳ, ଭିତରଗଡ, କଣ୍ଡିରା, ଡେରା, ଗୁପ୍ତି ପଞ୍ଚାୟତର ଚାଷୀମାନେ ଉପକୃତ ହୋଇପାରିବେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରତିଭା ପାତ୍ର, ସରପଞ୍ଚ ନିରଞ୍ଜନ ରାଉତ, ଅଶୋକ କୁମାର ମହାନ୍ତି, ଚିତ୍ତରଞ୍ଜନ ପଣ୍ଡା, ମଞ୍ଜୁଳା ଦାସ, ସୁଶ୍ରୀ ସଙ୍ଗୀତା ମିଶ୍ର, ପୁଷ୍ପଲତା ପାତ୍ର, ରାନିମଞ୍ଜରୀ ସେଠୀ, ପ୍ରସନ୍ନ କୁମାର ପରିଡା, ବୀଣାପାଣି ପ୍ରଧାନ, ଇତିଶ୍ରୀ ମହାପାତ୍ର, ସମିତି ସଭ୍ୟ ଆର୍ତ୍ତବନ୍ଧୁ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଭଗବତୀ ପୀଠରେ ଏକାଠିହେଲେ ପୁରାତନ ଛାତ୍ରୀଛାତ୍ର

ଜଗତ୍‌ସିଂହପୁର, ୧୭।୨ (ପ୍ରମୋଦ ନାୟକ)

ବିରିଡି ବ୍ଲକ ବାଲିଆସ୍ଥିତ ମା' ଭଗବତୀଙ୍କ ପବିତ୍ର ପୀଠରେ ଜିଲାର ଅନ୍ୟତମ ସର୍ବପୁରାତନ ଅଳକା ହାଇସ୍କୁଲର ୧୯୮୧ ମାଟ୍ରିକ ବ୍ୟାଚ ଛାତ୍ରୀଛାତ୍ର ଏକତ୍ରିତ ହୋଇଥିଲେ। ସାମାଜିକ କର୍ମୀ ନେତ୍ରାନନ୍ଦ ପାତ୍ରଙ୍କ ନେତୃତ୍ୱରେ ୪୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ର ଏଥିରେ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରୀମାନେ ଏକ ବୈଠକ କରି ସେମାନଙ୍କ ପାଠପଢା ସମୟର ସ୍ମୃତି ଚାରଣ କରିଥିଲେ । ସେହିପରି ବିଦ୍ୟାଳୟର ଭିତ୍ତିଭୂମି ଓ ଅନ୍ୟାନ୍ୟ ବିଷୟ ଉପରେ ଆଲୋଚନା କରିଥିଲେ। ଆଗକୁ ବିଦ୍ୟାଳୟର ଉନ୍ନୟନମୂଳକ କାର୍ଯ୍ୟରେ କିପରି ସମସ୍ତଙ୍କ ସହଭାଗିତା ରହିବ ସେ ସମ୍ପର୍କରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅମ୍ବିକା ପ୍ରସାଦ ଦାଶ, ପ୍ରଦୀପ୍ତ ଦାସ, ନିଗମାନନ୍ଦ ମହାନ୍ତି, ମିହିର କୁମାର ପଟ୍ଟନାୟକ, ତୁଷାର ନାୟକ, ସବିତା ନନ୍ଦ, ସ୍ନେହଲତା ବେହେରା, ସବିତା ନନ୍ଦ, ଲୋଚନବାଳା ବେହେରା, ଅଭୟ କୁମାର ସ୍ୱାଇଁ, ବିଜୟ କୁମାର ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ସିଡିପିଓଙ୍କଠାରୁ ଆର୍ଥିକ କ୍ଷମତା ପ୍ରତ୍ୟାହାର

ରାଜନଗର, ୧୭।୨(ଭାସ୍କର ରାଉତରାୟ)

ରାଜନଗର ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ (ସିଡିପିଓ ) ସ୍ମିତାଞ୍ଜଳି ରାୟଙ୍କଠାରୁ ଆର୍ଥିକ କ୍ଷମତା କାଢ଼ି ନିଆଯାଇଛି। କେନ୍ଦ୍ରାପଡ଼ା ଜିଲାପାଳଙ୍କ ଚିଠି ନଂ. ୬୧୯/୧୦ ଫେବୃଆରୀ ୨୦୨୫ ରେ ରାଜନଗର ସିଡିପିଓଙ୍କଠାରୁ ଆର୍ଥିକ କ୍ଷମତା କାଢ଼ି ନିଆଯାଇଛି। ରାଜନଗର ବିଡିଓ ଶୋଭନ ଶ୍ରୀତମ ପଣ୍ଡାଙ୍କୁ ଏହାର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଏହି ଚିଠି ସୋମବାର ରାଜନଗରରେ ପହଞ୍ଚିଛି। ଏ ସମ୍ପର୍କରେ ସିଡିପିଓ ରାୟଙ୍କୁ ପଚାରିବାରୁ କାହିଁକି ଏପରି ନିଷ୍ପତ୍ତି ନିଆଯାଇଛି ଜାଣିନାହିଁ। କୌଣସି କାରଣ ଦର୍ଶାଅ ନୋଟିସ ଦିଆଯାଇନାହିଁ ବୋଲି ସେ କହିଛନ୍ତି। ଅବଶ୍ୟ ଚିଠିରେ ଆର୍ଥିକ କ୍ଷମତା ବାଦ୍ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ମୁଖ୍ୟ ଭାବେ ଅନ୍ୟ ସମସ୍ତ କ୍ଷମତା ତାଙ୍କ ନିକଟରେ ରହିବ ବୋଲି ଉଲ୍ଲେଖ କରାଯାଇଛି।

# ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଭସ୍ମ


ବିପନ୍ନ ପରିବାର ସଦସ୍ୟଙ୍କୁ ବିଧାୟକ ଧ୍ରୁବ ସାହୁ ଓ ଅନ୍ୟମାନେ ଭେଟୁଛନ୍ତି।

ରାଜନଗର, ୧୭।୨(ଭାସ୍କର ରାଉତରାୟ)

ରାଜନଗର ତହସିଲ ଅନ୍ତର୍ଗତ ମହୁଲିଆ ଗାଁର ଅଗ୍ନିକାଣ୍ଡ ବ୍ରଜବନ୍ଧୁ ପାତ୍ରଙ୍କ ୨ ବଖରା ସହ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଛି। ରବିବାର ରାତ୍ରିରେ ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିଲା। ନିଆଁର ତାପ ଏତେ ଜୋର ଥିଲା ଗାଁ ଲୋକେ ଚେଷ୍ଟା କରି ମଧ୍ୟ ଆୟତ୍ତ କରି ପାରି ନ ଥିଲେ। ଦମକଳ ଗାଡ଼ି ଆସି ନିଆଁକୁ ଆୟତ୍ତ କରିଥିଲା। ବ୍ରଜବନ୍ଧୁଙ୍କ ପରିବାର ଲୋକଙ୍କ ପିନ୍ଧା ଲୁଗା ଛଡ଼ା ସବୁ କିଛି ପୋଡ଼ି ପାଉଁଶ ହୋଇଯାଇଛି। ଏ ସମ୍ପର୍କରେ ସୂଚନା ପାଇ ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ ବିପନ୍ନ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ବିପନ୍ନ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତ। ବିଧାୟକଙ୍କ ସହ ବ୍ଲକ୍ ବିଜେଡି ସଭାପତି ନିରଞ୍ଜନ ରାଉତ, ବିଜୟ ନାୟକ, ଗଙ୍ଗାଧର ଦାସ, ସମିତି ସଭ୍ୟ ସଞ୍ଜୟ କୁମାର ସ୍ୱାଇଁ, ଶତ୍ରୁଘ୍ନ ପରିଡା, ସୁରଜ ପୁହାଣ ପ୍ରମୁଖ ଉପସ୍ଥିତ ଥିଲେ।

# ଜୋର ଧରିଲା ପଟ୍ଟାମୁଣ୍ଡାଇ ବିଧାନସଭା ଆସନ ମାନ୍ୟତା ଦାବି

ପଟ୍ଟାମୁଣ୍ଡାଇ, ୧୭।୨ (କଳ୍ପତରୁ ନାୟକ)

■ ନିର୍ବାଚନମଣ୍ଡଳୀ ସହ ଉପଖଣ୍ଡ ଗଠନ କର
■ ଫେରାଇ ଦିଅ ପୁରୁଣା ପରିଚୟ

ଦେଶ ସ୍ୱାଧୀନତା ପରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ବିଧାନସଭା ଆସନ ମଧ୍ୟରୁ ପଟ୍ଟାମୁଣ୍ଡାଇ ନିର୍ବାଚନମଣ୍ଡଳୀ ଗୁରୁତ୍ୱ ବହନକରି ଆସୁଥିଲା। ୨୦୦୮ ସୀମା ନିର୍ଦ୍ଧାରଣ ବେଳେ ପଟ୍ଟାମୁଣ୍ଡାଇକୁ ବାଦ୍ ଦିଆଯାଇ ଭାଗ ଭାଗ କରି ଅନ୍ୟ ୩ ନିର୍ବାଚନମଣ୍ଡଳୀରେ ମିଶାଇ ଦିଆଗଲା। ଫଳରେ ସ୍ୱାଭିମାନୀ ପଟ୍ଟାମୁଣ୍ଡାଇବାସୀଙ୍କ ଭାବାବେଗ ଉପରେ ଶକ୍ତ ଆଘାତ ଲାଗିଥିଲା। ଯାହାକୁ ନେଇ ପଟ୍ଟାମୁଣ୍ଡାଇର ବିଭିନ୍ନ ସଙ୍ଗଠନ ପକ୍ଷରୁ ସେତେବେଳେ ଧାରଣା, ଅନଶନ କରାଯାଇଥିଲା। ହେଲେ କିଛି ଫଳପ୍ରଦ ହୋଇ ନ ଥିଲା। ସେବେଠାରୁ ପଟ୍ଟାମୁଣ୍ଡାଇ ବ୍ଲକ୍ ଓ ପୌରାଞ୍ଚଳ ଉଭୟ ନିର୍ବଚନମଣ୍ଡଳୀର ରାଜନୈତିକ ପଶାପାଲିରେ ପେଷିହୋଇ ନିଜର ସ୍ୱାଭିମାନ ହରାଇ ଚାଲିଥିବାବେଳେ ଅବହେଳିତ ହୋଇପଡିଛି। ମାତ୍ର ୨୦୨୬-୨୭ରେ ଓଡ଼ିଶାରେ ଡିଲିମିଟେଶନ ପ୍ରକ୍ରିୟା ଆରମ୍ଭ ହେବାକୁଥିବାବେଳେ ପଟ୍ଟାମୁଣ୍ଡାଇକୁ ପୁନଃ ବିଧାନସଭା ଆସନ ମାନ୍ୟତା ଦାବି ଜୋର ଧରିବାରେ ଲାଗିଲାଣି। ଏ ନେଇ ପଟ୍ଟାମୁଣ୍ଡାଇ ସ୍ୱାଭିମାନୀ ମଞ୍ଚ ଘରେ ଘରେ ପହଞ୍ଚି ତା'ର ପରିଚୟ ଫେରାଇବା ପାଇଁ ଅଭିଯାନ ଜାରି କରିବ ବୋଲି ମଞ୍ଚର ସଦସ୍ୟମାନେ କହିଛନ୍ତି।

ପଟ୍ଟାମୁଣ୍ଡାଇ ସ୍ୱାଭିମାନୀ ମଞ୍ଚ ସଭାପତି ଆଇନଜୀବୀ କ୍ଷୀରୋଦ ପ୍ରଧାନ, ଉପସଭାପତି ରମେଶ ଦେ, ସମ୍ପାଦକ ପ୍ରବୀର ନାୟକ, ଉପଦେଷ୍ଟା ଶିକ୍ଷାବିତ୍ ପ୍ରଫୁଲ୍ଲ ଦାଶ, ସୌମ୍ୟରଞ୍ଜନ ଧଳ, ଭବାନୀ ଶଙ୍କର ପଣ୍ଡା, ଅନନ୍ତ ଦାଶ ପ୍ରମୁଖ କହିଛନ୍ତି, ସବୁଦୃଷ୍ଟିରୁ ପଟ୍ଟାମୁଣ୍ଡାଇ ବିଧାନସଭା ଆସନ ହେବାର ଯୋଗ୍ୟତା ରଖିଛି। ଭୌଗୋଳିକ, ସାମାଜିକ, ଅର୍ଥନୈତିକ, ରାଜନୈତିକ ବାସ୍ତବତାକୁ ଦେଖିଲେ ପଟ୍ଟାମୁଣ୍ଡାଇ ହିଁ ପୁନର୍ବାର ଏକ ନୂତନ ନିର୍ବାଚନମଣ୍ଡଳୀ ହେବା ସହ ସବ୍‌ଡିଭିଜନ ହେବାର ଯଥାର୍ଥତା ବହନ କରୁଛି। ପଟ୍ଟାମୁଣ୍ଡାଇ କେନ୍ଦ୍ରାପଡ଼ା ଜିଲାର ମୁଖ୍ୟ ବାଣିଜ୍ୟିକ ସହର, ସର୍ବ ପୁରାତନ ବିଧାନସଭା ନିର୍ବାଚନମଣ୍ଡଳୀ ଥିଲା। ମୋଗଲ ସାମ୍ରାଜ୍ୟ ସମୟରେ ଏହି ସହର ଐତିହାସିକ ଖ୍ୟାତି ହାସଲ କରିଥିବାବେଳେ ଏକ ପ୍ରାଚୀନ ବାଣିଜ୍ୟ ନଦୀ ବନ୍ଦର ଥିଲା। ୧୯୦୮ ମସିହାରେ ପଟ୍ଟାମୁଣ୍ଡାଇରେ ସବ୍-ରେଜିଷ୍ଟ୍ରାରଙ୍କ


ପଟ୍ଟାମୁଣ୍ଡାଇରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି।

କାର୍ଯ୍ୟାଳୟ ଖୋଲାଯାଇଥିଲା। ୧୯୯୪ ମସିହା ପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ସବ୍‌ଡିଭିଜନ ପଟ୍ଟାମୁଣ୍ଡାଇ ବିଧାନସଭା ଆସନ କଟକ ଜିଲାର ଏକ ଅଂଶ ଥିଲା। ୧୯୯୩ରେ ପୂର୍ବତନ ମୁଖ୍ୟମନ୍ତ୍ରୀ, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ୩୦ଟି ଜିଲା ଗଠନ କରିଥିବା ବେଳେ କେନ୍ଦ୍ରାପଡ଼ାକୁ ଜିଲାର ମାନ୍ୟତା ଦେଇଥିଲେ। ପଟ୍ଟାମୁଣ୍ଡାଇକୁ ଉପଖଣ୍ଡ ମାନ୍ୟତା ଦେବାର ବ୍ୟବସ୍ଥା କରାଯାଉଛି ବୋଲି ସ୍ୱର୍ଗତ ବିଜୁବାବୁ କହିଥିଲେ। ପଟ୍ଟାମୁଣ୍ଡାଇକୁ ସବ୍‌ଡିଭିଜନର ମାନ୍ୟତା ପାଇଁ ବିଧାନସଭାରେ ଅନେକ ଥର ପ୍ରଶ୍ନକାଳରେ ବିଚାରାଧୀନ ଥିବା ଉଠିଛି। କିନ୍ତୁ ଉପଖଣ୍ଡ କରାଇବା ତ ଦୂରର କଥା ପଟ୍ଟାମୁଣ୍ଡାଇ ବିଧାନସଭା ଆସନକୁ ବିଲୋପ କରାଇ ଭାରତ ମାନଚିତ୍ରରୁ ନିଶ୍ଚିହ୍ନ କରାଇ ଦିଆଯାଇଛି ; ଯାହା ଅଞ୍ଚଳବାସୀଙ୍କ ମନକୁ ଶକ୍ତ ଆଘାତ ଦେଇଛି। ୨୦୧୧ ଜନଗଣନା ତଥ୍ୟ ଅନୁଯାୟୀ, ପଟ୍ଟାମୁଣ୍ଡାଇ ବ୍ଲକ୍ ଓ ପୌର ପରିଷଦର ଜନସଂଖ୍ୟା ୨ ଲକ୍ଷ ୧୯ ହଜାର ୬୫୦ ହୋଇଥିବା ବେଳେ ପାଖ ଆଳି ବ୍ଲକ୍‌ର ୧ ଲକ୍ଷ ୩୭ ହଜାର ୮୦୦, ରଜକନିକା ବ୍ଲକ ୧ ଲକ୍ଷ ୪୦ ହଜାର ୮୦୭, କେନ୍ଦ୍ରାପଡ଼ା ୨ଲକ୍ଷ ୫ ହାଜାର ୯୯୧ ଏବଂ ରାଜନଗର ୧ ଲକ୍ଷ ୬୩ ହଜାର ୪୫୦ ଜନସଂଖ୍ୟା ରହିଛନ୍ତି। ମାତ୍ର ପଟ୍ଟାମୁଣ୍ଡାଇର ଜନସଂଖ୍ୟା ସମସ୍ତ ବ୍ଲକ୍‌ଠାରୁ ଅଧିକ ଥିବାବେଳେ କାହିଁକି ପଟ୍ଟାମୁଣ୍ଡାଇକୁ ଅଣଦେଖା କରାଯାଇ ବିଧାନସଭା ଆସନକୁ ହଟାଇ ଦିଆଗଲା ବୋଲି ସେମାନେ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷରେ ପଟ୍ଟାମୁଣ୍ଡାଇର ସାମାଜିକ ଚଳଣି ସହ ପ୍ରଶାସନିକ ଓ ଭୌଗୋଳିକ ସ୍ଥିତିକୁ ଅନୁଧ୍ୟାନ କରାଯାଇ ଆଗାମୀ ସୀମା ପୁନଃ ନିର୍ଦ୍ଧାରଣ ସମୟରେ ଏହାର ପୁରୁଣା ପରିଚୟ ଫେରାଇ ବିଧାନସଭା କ୍ଷେତ୍ର ଗଠନ କରାଇବା ଜରୁରୀ ହୋଇପଡ଼ିଛି। ଏ ନେଇ ରାଜ୍ୟ ସରକାର ତୁରନ୍ତ ପଟ୍ଟାମୁଣ୍ଡାଇକୁ ଉପଖଣ୍ଡ ମାନ୍ୟତା ଘୋଷଣା କଲେ ରାଜସ୍ୱ କ୍ଷେତ୍ରରେ ଲାଭବାନ ହେବା ସହ ଚାଷୀ, ଶ୍ରମିକ, ଜନସାଧାରଣ ମଧ୍ୟ ଉପକୃତ ହୋଇପାରିବେ। ସେହିପରି ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ପ୍ରଦୀପ ଦାଶ କହିଛନ୍ତି ପଟ୍ଟାମୁଣ୍ଡାଇର ସ୍ୱାଭିମାନ ଫେରାଇବା ପାଇଁ ଦଳ ପକ୍ଷରୁ ଘରେ ଘରେ ଦସ୍ତଖତ ଅଭିଯାନ ଜାରି କରାଯିବ।

## ସଂକ୍ଷେପରେ

### ବୃଦ୍ଧାଙ୍କୁ ଆକ୍ରମଣ କରି ଯୁବକ ଗିରଫ

ରସୁଲପୁର,୧୭।୨(ରଞ୍ଜିତ ରାଉତ): ଯାଜପୁର ଜିଲା କୁଆଖିଆ ଥାନା ଅନ୍ତର୍ଗତ ଶ୍ରୀବନ୍ତପୁର ପଞ୍ଚାୟତ ଭଗତଭଗବାନ ଗ୍ରାମରେ ପାରିବାରିକ ଗଣ୍ଡଗୋଳକୁ ନେଇ କ୍ଷେତ୍ରବାସୀ ସାମଲ(୮୨)ନାମକ ଜଣେ ବୃଦ୍ଧଙ୍କୁ ମରଣାତ୍ମକ ଆକ୍ରମଣ ହୋଇଛି । ଏ ନେଇ ବୃଦ୍ଧଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଅଭିଯୁକ୍ତ ନରେନ୍ଦ୍ର ଜେନା(୨୮)କୁ ଗିରଫ କରି କୋର୍ଟ ଚାଲାଣ କରିଛି । ରବିବାର ସନ୍ଧ୍ୟା ୭ଟା ସମୟରେ ନରେନ୍ଦ୍ର ବାଡିପଟ ନଳକୂପ ପାଖରେ ଶୌଚ ହେବା ସମୟରେ ପାଦ ଖସି ଯିବାରୁ ତଳେ ପଡି ଯାଇଥିଲେ । ଏହାକୁ ନେଇ ଯୁବକ ଜଣକ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ତାଙ୍କର ଏଭଳି ଆଚରଣକୁ କ୍ଷେତ୍ରବାସୀ ବିରୋଧ କରିବା ସହ ଖରାପ ଭାଷାରେ ଗାଳିଗୁଲଜ ନ କରିବାକୁ ତାଙ୍କୁ କହିଥିଲେ । ଏଥିରେ ନରେନ୍ଦ୍ର ରାଗିଯାଇ ଏକ କାଠଫାଳିଆରେ କ୍ଷେତ୍ରବାସୀଙ୍କ ମୁଣ୍ଡକୁ ଶକ୍ତ ପ୍ରହାର ଦେଇଥିଲେ । ଏଥିରେ କ୍ଷେତ୍ରବାସୀ ଗୁରୁତର ହୋଇଥିଲେ । ତାଙ୍କୁ ପରିବାର ଲୋକେ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ । ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ତାଙ୍କ ଚିକିତ୍ସା ଚାଲିଛି । ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା(ନଂ.୬୯/୨୫) ରୁଜୁ କରି ତଦନ୍ତ ଚଳାଇଛି ।

# ୩୦ରୁ ଊର୍ଦ୍ଧ୍ୱ ନଳକୂପର ପତ୍ତା ମିଳୁନାହିଁ

- ଗୋଟିଏ ବର୍ଷରେ ଖନନ ହୋଇଥିଲା ୧୦୪
- ତଥ୍ୟ ଓ କଥାରେ ତାଲମେଳ ନାହିଁ

**ଚଣ୍ଡିଖୋଲ,୧୭।୨(ପ୍ରଦୀପ୍ତ କୁମାର ପୃଷ୍ଟି):**

ଯାଜପୁର ଜିଲା ବଡ଼ଚଣା ବ୍ଲକରେ ୨୦୨୩-୨୪ ଆର୍ଥିକ ବର୍ଷରେ ୧୦୪ ନଳକୂପ ଓ ଗଭୀର କୂପ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଖନନ କରାଯାଇଥିଲା । ହେଲେ ସେଥିରୁ ୩୦ରୁ ଊର୍ଦ୍ଧ୍ୱ ନଳକୂପର ପତ୍ତା ମିଳୁନାହିଁ ବୋଲି ଜଣାପଡିଛି ।

ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ, ବଡ଼ଚଣା ବ୍ଲକର ୪୩ ପଞ୍ଚାୟତରେ ଲୋକଙ୍କ ଆବଶ୍ୟକତାକୁ ଅନୁଭବ କରି ୧୦୪ ନଳକୂପ/ଗଭୀର କୂପ ଖନନ କରାଯାଇଥିଲା । ସେଥିମଧ୍ୟରୁ ୩୦ରୁ ଊର୍ଦ୍ଧ୍ୱ ନଳକୂପ କେଉଁଠି ରହିଛି ତାହା ଜଣା ପଡିନାହିଁ । ପ୍ରକୃତ ପକ୍ଷେ ଏହି ପାନୀୟ ଜଳ ଯୋଗାଣରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ହୋଇଛି । ସବୁଠାରୁ ଆଶ୍ଚର୍ଯ୍ୟର କଥା ବିଭାଗୀୟ ଅଧିକାରୀ ମଧ ଜାଣି ନାହାନ୍ତି କେତେ ନଳକୂପ ଖନନ ହୋଇଛି । ବଡ଼ଚଣା ବ୍ଲକରେ ପାନୀୟ ଜଳ ଯୋଗାଣ ପାଇଁ ବୃହତ୍ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ଚାଲିଛି । ଏହି ବ୍ଲକ ଅନ୍ତର୍ଗତ ୪୩ ପଞ୍ଚାୟତ ପାଇଁ ବଡ଼ ଗେଙ୍ଗୁଟି ନଦୀରୁ ପାଣି ଉଠାଇ ପ୍ରତି ଘରେ ପହଞ୍ଚିବା ପାଇଁ ଯୋଜନା କରାଯାଇଛି । ୩୩୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେଉଥିବା ଏହି ପାନୀୟ ଜଳ ପ୍ରକଳ୍ପ କାମ ୨୦୨୩ରେ ଶେଷ ହେବା କଥା । ହେଲେ ଅଦ୍ୟାବଧି ସେହି କାମ ଶେଷ ହୋଇ ନାହିଁ । ମାତ୍ର ୧୦ଟି ପଞ୍ଚାୟତରେ ପାଇପ ଲାଇନ ବିଛା ସରିଥିବା ବେଳେ ଠିକା କମ୍ପାନୀକୁ ୨୭୬ କୋଟି ଟଙ୍କା ପ୍ରଦାନ ସରିଛି । ଏ ନେଇ ବଡ଼ଚଣା ବିଧାୟକ ବିଧାନସଭାରେ ପ୍ରଶ୍ନ ଉଠାଇ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଘେରିଛନ୍ତି । ତୁରନ୍ତ କାମ ଶେଷ କରିବାକୁ ବିଧାୟକ ଠିକା କମ୍ପାନୀ କର୍ତ୍ତୃପକ୍ଷଙ୍କୁ ତାଗିଦ କରିଛନ୍ତି । ସବୁଠାରୁ ଆଶ୍ଚର୍ଯ୍ୟ କଥା ଏ ଭଳି ବଡ ପ୍ରକଳ୍ପ ଚାଲିଥିବା ବେଳେ ଚଣ୍ଡିଖୋଲସ୍ଥିତ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ୧୦୪ଟି ନଳକୂପ ଗୋଟିଏ ଆର୍ଥିକ ବର୍ଷରେ ଖନନ ହେବା ସନ୍ଦେହ ସୃଷ୍ଟି କରିଛି । ଯେଉଁଥିରେ ୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇ ଥିବା ଦର୍ଶାଯାଇଛି । ସଧାରଣ ଲୋକ ପାଣି ପାଇଁ ତହଳବିକଳ ହେଉଥିବା ବେଳେ ପାଣି ଯୋଗାଣ ନାମରେ ଅନେକ କୋଟି ଟଙ୍କାର ଲୁଟ ହୋଇଥିବା ନେଇ ସନ୍ଦେହ ସୃଷ୍ଟି ହୋଇଛି । ଏ ସମ୍ପର୍କରେ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବହୁ ତଥ୍ୟ ଜଣାପଡ଼ିବ ବୋଲି ସାଧାରଣ ରେ ଚର୍ଚ୍ଚା ହେଉଛି । ଏସମ୍ପର୍କରେ ଚଣ୍ଡିଖୋଲ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ସହକାରୀ ନିର୍ବାହୀ ଯନ୍ତ୍ରୀ ଅପର୍ତ୍ତି ବେହେରାଙ୍କୁ ପଚାରିବାରୁ ସେ କୁହନ୍ତି,ଏତେ ନଳକୂପ ଖନନ କରାଯାଇ ନାହିଁ । କେହି ଆମ କାର୍ଯ୍ୟାଳୟରୁ ଭୁଲ ତଥ୍ୟ ପ୍ରଦାନ କରିଛନ୍ତି । ତେବେ ଠିକ ତଥ୍ୟ ମୁଁ କାଗଜ ପତ୍ର ଦେଖି କହିବି । ଏଠାରେ ସୂଚନା ଥାଉ କି ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୂଚନା ଅଧିକାର ଆଇନ ବଳରେ ଏହି ତଥ୍ୟ ପ୍ରଦାନ କରିଛନ୍ତି । ଏହାକୁ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଅସ୍ୱୀକାର କରୁଛନ୍ତି । ତେବେ କିଏ ଠିକ୍ କହୁଛନ୍ତି ତଦନ୍ତ ହେଲେ ଜଣା ପଡିବ ବୋଲି ମତ ପ୍ରକାଶ ପାଇଛି ।



# ଭଙ୍ଗା ପିଣ୍ଡି ଉପରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର



ଭଙ୍ଗା ପିଣ୍ଡି ଉପରେ ଥିବା ଟ୍ରାନ୍ସଫର୍ମର ।

**କାଏମା,୧୭।୨(ଶିବପ୍ରସାଦ ମହାନ୍ତି)**

ଯାଜପୁର ଜିଲା ଜାରକା ବିଦ୍ୟୁତ୍ ଉପଖଣ୍ଡ ଅଧୀନରେ ଥିବା କାଏମା ବଜାରରେ ଥିବା ୨ଟି ଟ୍ରାନ୍ସଫର୍ମର ବିପଦ ସଙ୍କୁଳ ଭାବେ ରହିଛି । ଟ୍ରାନ୍ସଫର୍ମର ରଖାଯାଇଥିବା ସିମେଣ୍ଟ ପିଣ୍ଡି ଫାଟି ଆଁ କରିଛି । ଏହାର ଚାରିପଟେ କୌଣସି ସୁରକ୍ଷା ବ୍ୟବସ୍ଥା ନାହିଁ । ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।

ଗତ ୨୦ବର୍ଷ ପୂର୍ବେ କାଏମା ବଜାର ପାଖ ଲକ୍ଷ୍ମୀସାହି, ଶେରପୁର, ଦାସସାହି, ଖର୍ଦ୍ଦାସାହି, କାଏମା ବଜାର, ମୁସଲମାନ ବସ୍ତିଭଳିଅନେକ ଅଞ୍ଚଳକୁଏହିଟ୍ରାନ୍ସଫର୍ମର ସାହାଯ୍ୟରେ ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଉଥିଲା । ତେଣୁ ସେଠାରେ ଏକ ସିମେଣ୍ଟ ପିଣ୍ଡିର ବ୍ୟବସ୍ଥା କରାଯାଇଥିଲା । ସମୟ କ୍ରମେ ସେହି ପିଣ୍ଡି ଭାଙ୍ଗି ନଷ୍ଟ ହୋଇଯାଇଛି । ମରାମତି କରାଯାଉ ନ ଥିବାରୁ ଅଧା ଭଙ୍ଗା ପିଣ୍ଡି ଉପରେ ଟ୍ରାନ୍ସଫର୍ମର ୨ଟି ରହିଛି । ପାଖରେ ନେତାଜୀ ସ୍ପୋର୍ଟିଂ କ୍ଲବ ରହିଛି । ସେଠାରେ ପିଲାମାନେ ଖେଳକୁଦ କରିଥାଆନ୍ତି । ପାଖରେ ବଜାର ଥିବାରୁ ଲୋକଙ୍କ ଭିଡ଼ ଜମୁଛି । ସେହିପରି ଟ୍ରାନ୍ସଫର୍ମର ରହିଥିବା ପିଣ୍ଡିକୁ ଲାଗି ଏକ ଖୋଲା କୂଅ ରହିଛି । ସେହି କୂଅରୁ କେତେଜଣ ବ୍ୟବସାୟୀ ପାଣି ଆଣି ବ୍ୟବହାର କରୁଛନ୍ତି । ଜନସାଧାରଣଙ୍କ ସୁରକ୍ଷା ନିମନ୍ତେ ବିଦ୍ୟୁତ୍ ବିଭାଗ ପକ୍ଷରୁ ଟ୍ରାନ୍ସଫର୍ମର ରଖା ଯିବା ସ୍ଥାନ ଚାରିପଟେ ଲୁହା ବ୍ୟାରିକେଡ୍ ନିର୍ମାଣ କରିବାକୁ ଦାବି ହୋଇଛି ।

# ଢାବା କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ

**ବୈଶିଙ୍ଗା,୧୭।୨(ରତନ ଦାଶ)**

ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅନ୍ତର୍ଗତ ୧୮ ନଂ. ଜାତୀୟ ରାଜପଥର ଗଡଦେଉଳିଆଠାରେ ଥିବା ଏକ ଢାବା କର୍ମଚାରୀଙ୍କୁମରଣାନ୍ତକ ଆକ୍ରମଣ ହୋଇଛି । ଗୁରୁତର କର୍ମଚାରୀ ଜାନିକାଦେଇପୁର ଗ୍ରାମର କମଳାକାନ୍ତ ସେନାପତି । ତାଙ୍କୁ ବାରିପଦା ଜିଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସୂଚନା ମୁତାବକ, ରବିବାର ରାତି ୧୧ଟା ୩୫ରେ ମ୍ୟାନେଜର ସିଂ ନାମକ ଏକ ଫ୍ୟାମିଲି ଢ଼ାବାରେ କାମ କରୁଥିବା କମଳାକାନ୍ତ ଶୌଚ ପାଇଁ ଢ଼ାବା ପଛପଟକୁ ଯାଇଥିଲେ । ସେଠାରେ ଲୁଚି ରହିଥିବା ଦୁର୍ବୃତ୍ତ ଏକ ମାରଣାସ୍ତ୍ରରେ ତାଙ୍କୁ ବାରମ୍ବାର ଆକ୍ରମଣ କରିଥିଲେ । କମଳାକାନ୍ତଙ୍କ ଚିତ୍କାର ଶୁଣି ଲୋକମାନେ ଦୌଡ଼ି ଯାଇଥିଲେ ।

# ଅଫିମ ଚାଷ ନଷ୍ଟକଲା ଅବକାରୀ ବିଭାଗ

ଉଦଳା, ୧୭।୨(ସନ୍ତୋଷ କୁମାର ବାଛିନୀ)

ଶିମିଳିପାଳ ଜଙ୍ଗଲ ଭିତରେ ଚାଲିଥିଲା ଅଫିମ ଚାଷ । ଖବର ପାଇ ଚଢ଼ାଉ କରିଥିଲା ଅବକାରୀ ବିଭାଗ ଓ ପୋଲିସ । କପ୍ତିପଦା ଥାନା ପୋଡାଡିହା ହୁଡ଼ିସାହି ଅଞ୍ଚଳରେ ଶିମିଳିପାଳ ଜଙ୍ଗଲ ୱାଇଲ୍ଡଲାଇଫ ଏରିଆରେ ଅବକାରୀ ବିଭାଗ ଅଫିମ ଚାଷ ହୋଇଥିବା ଖବର ମିଳିବା ପରେ ଅବକାରୀ ବିଭାଗ ଏବଂ କପ୍ତିପଦା ପୋଲିସ ମିଳିତ ଭାବେ ଅପରାହ୍ନ ସାଢେ ୧୨ଟାରେ ସୋମବାର ହୁଡ଼ିସାହି ଅଞ୍ଚଳରେ ଚଢ଼ାଉ କରିଥିଲା । ଜଙ୍ଗଲ ଭିତରେ ୫୦ ଡିସିମିଲ ଜାଗାରେ ଅଫିମ ଚାଷ ହୋଇଥିବା ଦେଖି ଅବକାରୀ ବିଭଗ ଓ ପୋଲିସ ଉକ୍ତ ଅଫିମ ଗଛକୁ ଉପାଡି ନଷ୍ଟ କରିବା ସହିତ ସମସ୍ତ ଚାଷ ହୋଇଥିବା ଗଛଗୁଡିକୁ ଜାଳି ଦିଆଯାଇଛି । ଏହାସହିତ ଏହି ଚାଷ କରିଥିବା ବ୍ୟକ୍ତିଙ୍କୁ ଖୋଜିବା ସହିତ ତାଙ୍କୁ ଗିରଫ କରାଯିବ ବୋଲି ପୋଲିସ ଅଧିକାରୀ ଓ ଅବକାରୀ ଅଧିକାରୀ କହିଛନ୍ତି । ନଷ୍ଟ କରାଯାଇଥିବା ଅଫିମର ଆନୁମାନିକ ମୂଲ୍ୟ ୧୮ଲକ୍ଷ ୯୦ ହଜାର ଟଙ୍କା ହେବ ବୋଲି କପ୍ତିପଦା ଥାନା ଅଧିକାରୀ ପ୍ରକାଶ ରଥ ସୂଚନା ଦେଇଛନ୍ତି ।



ଅବକାରୀ କର୍ମଚରୀମାନେ ଅଫିମ ଗଛ ନଷ୍ଟ କରୁଛନ୍ତି ।

# ରାଜ୍ୟସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ




ଚାମ୍ପିୟନ ଟିମ୍‌କୁ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି ।

**ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର,୧୭।୨ (ପ୍ରଦୀପ୍ତ କୁମାର ପୃଷ୍ଟି/ଗିରିଜା ପ୍ରସାଦ ସାହୁ):**

## କିଟ୍ ବିଶ୍ୱବିଦ୍ୟାଳୟ ଟିମ୍ ଚାମ୍ପିୟନ

ଆଞ୍ଚଳିକ ଭଲିବଲ ଫେଡ଼ରେଶନ ଆନୁକୂଲ୍ୟରେ ଚାରିନଙ୍ଗଳଠାରେ ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ କିଟ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର, ପାୱାରକ୍ଲବ ଜନକ ଓ ଏପି ସିକ୍ସର ବାଲେଶ୍ୱର ମଧ୍ୟରେ ଲିଗ୍ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ପ୍ରତ୍ୟେକ ଟିମ୍ ସେମାନଙ୍କ ଖେଳ ପ୍ରଦର୍ଶନ କରିଥିଲେ । ଫାଇନାଲ ମ୍ୟାଚ କିଟ୍ ଓ ପାୱାର କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । କିଟ୍ ୩-୦ରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା । ଉଦ୍‌ଘାଟନୀ ଉତ୍ସବରେ ଶିକ୍ଷାବିତ୍ ପ୍ରାଧ୍ୟାପକ ବିଜୟ କୁମାର ସାମଲ ଯୋଗଦେଇଥିଲେ । ଚାରିନଙ୍ଗଳ ସରପଞ୍ଚ ନୁରୁଜାହାନ ବେଗମ୍, ସମିତି ସଭ୍ୟା ଚନ୍ଦ୍ରକଳା ଜେନା, ନଳୀପୁର ସରପଞ୍ଚ ସେକ୍ ଅବଦୁଲ ଗନି, ସମିତି ସଭ୍ୟ ଧର୍ମଜିତ୍ ବଳ, ୱାର୍ଡ଼ ସଭ୍ୟା ୟାସ୍ମିନ୍ ବେଗମ୍, ଆଡ଼ଭୋକେଟ ମନ୍ମଥ କେଶରୀ ସାହେବରାୟ, ପ୍ରଫୁଲ୍ଲ କୁମାର ଦାସ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ପୁରସ୍କାର ବିତରଣ ଉତ୍ସବରେ କମିଟିର କର୍ମକର୍ତ୍ତା ଅଜୟ ସାମଲ, ସେକ୍ ଅବଦୁଲ ଗନି, ସେକ୍, ମୋଇନ ଅହେମ୍ମଦ, ବିଜୟ କୁମାର ସାମଲ, ସେକ୍ ରିଆସତ ଅଲ୍ଲି, ଆଇନଜୀବୀ ପ୍ରତାପ କୁମାର ନାୟକ, ରଞ୍ଜିତ କୁମାର ସାମଲ, ରଶ୍ମିରଞ୍ଜନ ବଳ, ବିଶ୍ୱ ପ୍ରକାଶ ସାମଲ, ରଞ୍ଜିତ କୁମାର ସାମଲ, ପ୍ରିୟଦର୍ଶୀ ପରିଡ଼ା ପ୍ରମୁଖ ମିଳିତ ଭାବେ ଚାମ୍ପିୟନ ଓ ରନର୍ସ ଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ ।

# ନାତିକୁ ଝୁରି ଝୁରି ଜୀବନ ହାରିଲେ ଜେଜେ

ଡେରାବିଶ,୧୭।୨(ବେବର୍ତ୍ତା ଅଜୟ ଦାସ)

ସମାଜରେ ଯୌଥ ପରିବାର ଆଉ ଦେଖାଯାଉ ନ ଥିବା ବେଳେ ସାମାଜିକ ବ୍ୟବସ୍ଥାରେ ବ୍ୟତିକ୍ରମ ଦେଖିବାକୁ ମିଳିଛି । ପରିବାର ଭିତରେ ସ୍ନେହ ଓ ପ୍ରେମର ବାତାବରଣ କ୍ରମଶଃ ଅପସରି ଯାଉଛି । ମାତ୍ର ଏହାର ଏକ ବ୍ୟତିକ୍ରମ ଦେଖିବାକୁ ମିଳିଛି ଡେରାବିଶ ବ୍ଲକ୍ ଅଞ୍ଚଳରେ । ବ୍ଲକ୍ ଅଧୀନ ଚାନ୍ଦୋଳ ପଞ୍ଚାୟତର ପନାପଡ଼ା ଗ୍ରାମର ଏକ ଖଟିଖିଆ ପରିବାର । ଭାଗଚାଷ ଓ ମଜୁରି ଲାଗି ୬ ପ୍ରାଣୀ କୁଟୁମ୍ବ ହସ ଖୁସିରେ ରହିଆସୁଥିଲେ । କିନ୍ତୁ ବିଧିର ବିଧାନ କିଛି ଅଲଗା । ହଠାତ୍ ଏହି ପରିବାର ଉପରେ ସତେ ଯେମିତି ଦୁଃଖର କଳା ବାଦଲ ଢାଙ୍କି ହୋଇଗଲା । ପନାପଡ଼ା ଗ୍ରାମର ଫଗୁ ବିଶ୍ୱାଳ (୭୨), ସ୍ତ୍ରୀ ମାତାଙ୍ଗିନୀ(୬୮), ପୁଅ ପ୍ରଭାତ (୪୪) ବୋହୂ ମଧୁସ୍ମିତା (୪୦), ନାତି ପାର୍ଥ ମହର୍ଷି (୧୨) ଓ ନାତୁଣୀ ପ୍ରୀତିପ୍ରଜ୍ଞା(୮)ଙ୍କ ତେଲ ଲୁଣର ସଂସାରରେ ଦୁଃଖ ମାଡ଼ି ଆସିଲା । ଏକ ଘଟଣାକ୍ରମରେ ୨୦୨୪ ଅଗଷ୍ଟ ୧୦ରେ ନାତି ପାର୍ଥ ମହର୍ଷି ଘର ନିକଟରେ ଖେଳୁଥିବା ବେଳେ ଏକ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଥିଲା । ଏହି ଘଟଣା ସେହି ସମୟରେ ଅଞ୍ଚଳରେ ଚର୍ଚ୍ଚିତ ହୋଇଥିଲା । ତେବେ ନାତିର ମୃତ୍ୟୁକୁ ସହଜରେ ଗ୍ରହଣ କରି ପାରି ନ ଥିଲେ ଜେଜେ ଫଗୁ । ନାତିକୁ ଝୁରି ଝୁରି ସେ ପାଗଳ ପ୍ରାୟ ହୋଇଯାଇଥିଲେ । ପାର୍ଥଙ୍କ ମୃତ୍ୟୁଜନିତ କାରଣରୁ ପରିବାର ଆଖିରୁ ଲୁହ ଶୁଖି ନ ଥିବାବେଳେ ଜେଜେ ଫଗୁ ଶଯ୍ୟାଶାୟୀ ହୋଇପଡ଼ିଥିଲେ । ୨ଦିନ ତଳେ ତାଙ୍କର ମୃତ୍ୟୁ ଘଟିଛି । ଅଞ୍ଚଳରେ ଜେଜେ ନାତିଙ୍କ ଅନାବିଳ ଶ୍ରଦ୍ଧା ଅଞ୍ଚଳରେ ଚର୍ଚ୍ଚାର ଖୋରାକ ଯୋଗାଇଛି ।

# କିଷାନ ଟ୍ରଫି ଉଦ୍‌ଯାପିତ, ଗଙ୍ଗାଧରପୁର ଚାମ୍ପିୟନ

**ରସୁଲପୁର,୧୭।୨(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ବେତଣ୍ଡା ଖେଳ ପଡିଆରେ ଯୁବ ଭାରତ କୃଷକ ସଂଘ ପକ୍ଷରୁ ଅୟୋଜିତ କିଷାନ ଟ୍ରଫି-୨୦୨୫ ଉଦ୍‌ଯାପିତ ହୋଇଯାଇଛି । ଏଠାରେ ଆୟୋଜିତ ୩ଟି ଫାଇନାଲ ସିରଜ୍ ମ୍ୟାଚ୍‌ରେ ଗଙ୍ଗାଧରପୁର କ୍ରିକେଟ ଦଳ ପ୍ରତିପକ୍ଷ ତୁଳସୀପୁର କ୍ରିକେଟ ଦଳକୁ ୨-୧ ମ୍ୟାଚ୍‌ରେ ପରାସ୍ତକରି ଚାମ୍ପିୟନ ହୋଇଛି । ଏହି ଅବସରରେ ଆୟୋଜିତ ଟ୍ରଫି ପ୍ରଦାନ ଉତ୍ସବରେ ସଂଘର ରାଜ୍ୟ ସଭାପତି ପ୍ରଭାକର ନାୟକଙ୍କ ପୌରୋହିତ୍ୟ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଆଇନଜୀବୀ ପରିଷଦର ବରିଷ୍ଠ ସଦସ୍ୟ ଆଇନଜୀବୀ ସୌର ଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବେ ସଂଘର ଗଞ୍ଜାମ ଜିଲା ସଭାପତି ଧିରେନ୍ଦ୍ର କୁମାର ସାହୁ, ଯାଜପୁର ଜିଲା ସଭାପତି ରାଜକିଶୋର ସାମଲ, ଜିଲା ଉପଦେଷ୍ଟା ନକୁଳ ରାଉତ, ଶିକ୍ଷାବିତ୍ ବୈଦ୍ୟନ୍ଦ୍ର ନାଥ ସାହୁ, ଆଇନଜୀବୀ ସୁଶିଲ କୁମାର ପଣ୍ଡା, ବଳରାମ ବେହେରା ପ୍ରମୁଖ ଯୋଗଦେଇ ଉଭୟ ବିଜୟୀ ଓ ରନର୍ସଅପ ଦଳକୁ ଟ୍ରଫି ସହ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ । ସଂଘର ବ୍ଲକ ଉପ-ସଭାପତି ସମୀର ସାମଲ ଧନ୍ୟବାଦ ଅର୍ପଣ କରିଥିବା ବେଳେ ରାଜେଶ ସ୍ୱାଇଁ, ଅଶ୍ୱିନୀ ସ୍ୱାଇଁ, ସୁରେଶ ସେଠୀ, ଭୃଗୁ ପ୍ରସାଦ ରାଉତ, କୁନାଲ ଦ୍ୱିବେଦୀ, ସୁପୁ ସ୍ୱାଇଁ, ଯୁଧିଷ୍ଠିର ପାତ୍ର, ଦିବାର ସ୍ୱାଇଁ ପ୍ରମୁଖ ଖେଳ ଓ ଟ୍ରଫି ପ୍ରଦାନ ଉତ୍ସବକୁ ପରିଚାଳନା କରିଥିଲେ ।



ଅତିଥି ଜଣେ କୃତୀ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି ।

# ଧର୍ମଶାଳାରେ ଉନ୍ନୟନ କାର୍ଯ୍ୟ ବନ୍ଦ

## ଅଭିଯୋଗ କଲେ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ

**ଧର୍ମଶାଳା,୧୭।୨(ବଟକୃଷ୍ଣ ପରିଡ଼ା)**

ରାଜ୍ୟରେ ସରକାର ବଦଳିବା ପରେ ଆମ ଓଡ଼ିଶା-ନବୀନ ଓଡ଼ିଶା ଯୋଜନା ନାମକୁ ବଦଳାଇ ବିକଶିତ ଗାଁ- ବିକଶିତ ଓଡ଼ିଶା ନାମ ରଖାଯାଇଛି । ଗାଁ ଗଣ୍ଡାର ଉନ୍ନତି ନେଇ ରାଜ୍ୟ ସରକାର ଡ଼ିଣ୍ଡିମ ପିଟୁଛନ୍ତି ମାତ୍ର ଗାଁର ବିକାଶ ପାଇଁ ବିଜେଡି ସରକାର ଅମଳରେ ମଞ୍ଜୁର ହୋଇଥିବା ପ୍ରକଳ୍ପ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି ବୋଲି ସୋମବାର ଧର୍ମଶାଳା ବ୍ଲକ ନୂଆଗାଁସ୍ଥିତ ବିଜେଡି କାର୍ଯ୍ୟାଳୟରେ ପୂର୍ବତନ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି ।

ବଳବନ୍ତରାୟ କହିଛନ୍ତି, ନିର୍ବାଚିତ ପ୍ରତିନିଧିଙ୍କ ଉନ୍ନୟନମୂଳକ ପ୍ରସ୍ତାବକୁ ଜିଲା ଓ ବ୍ଲକ ପ୍ରଶାସନ କର୍ଣ୍ଣପାତ କରୁନାହାନ୍ତି । ଗତ ୮ମାସ ହେଲା ଜିଲା ତଥା ବ୍ଲକ ପ୍ରଶାସନ ବ୍ଲକ ଅଧ୍ୟକ୍ଷଙ୍କ ବାରମ୍ବାର ପ୍ରସ୍ତାବକ୍ରମେ ମଧ୍ୟ ପଞ୍ଚାୟତ ସମିତି ବୈଠକ ଡ଼କାଯାଉନାହିଁ । ରସୁଲପୁର ବିଡ଼ିଓ ଅଧ୍ୟକ୍ଷଙ୍କ ବିନା କାଉଣ୍ଟର ଦସ୍ତଖତରେ ୧୫ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଫ୍ଲସ୍ ବିଲ୍ ପେମେଣ୍ଟ ହୋଇଛି । ଜିଲା ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲେ ମଧ ଏଯାଏ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଯୁବକମାନଙ୍କ ମଧ୍ୟରେ ଖେଳକୁଦ ପାଇଁ ଜାରକାଠାରେ ଏକ ଷ୍ଟାଡ଼ିୟମ ନିର୍ମାଣ କରାଯାଇଥିଲେ ମଧ ତାହା ଏବେ ବନ୍ଦ ରହିବା ସହ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡସ୍ଥଳୀ ପାଲଟିଛି । ଧର୍ମଶାଳାରେ ଆଇନ୍‌ଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି । ଯାଜପୁର ଗ୍ରାମ ଉନ୍ନୟନ ଡ଼ିଭିଜନ-୨ ଜାରକା ପୂର୍ବ ସରକାର ବେଳେ ରାଜ୍ୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରି ଆସୁଥିବା ବେଳେ ଏବେ ତାହା ରାଜ୍ୟରେ ସର୍ବନିମ୍ନରେ ରହିଛି । ଆର୍‌ଡ଼ି ଡ଼ିଭିଜନ ପକ୍ଷରୁ ପୂର୍ବ ସରକାର ସମୟରେ ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ୨୨କୋଟି ୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୫୮୨ଟି ପ୍ରକଳ୍ପ ଶିଳାନ୍ୟାସ ହୋଇଥିଲା । ସେଥିମଧ୍ୟରୁ ୧୨୪ଟି ପ୍ରକଳ୍ପ କାମ ଆରମ୍ଭ ହୋଇପାରିନାହିଁ । ସେହିପରି ଜଳସେଚନ ଓ ପୂର୍ତ୍ତ ବିଭାଗ ଅଧୀନ ଅନେକ ଉନ୍ନୟନମୂଳକ କାର୍ଯ୍ୟ ଅର୍ଥ ମଞ୍ଜୁର ହୋଇ ଶିଳାନ୍ୟାସ ହୋଇଥିଲେ ମଧ ତାହା ବନ୍ଦ ଅବସ୍ଥାରେ ପଡ଼ି ରହିଛି । ଜନସାଧାରଣଙ୍କ ଚାହିଦା ମୁତାବକ ଉନ୍ନୟନ କରା ନ ଗଲେ ଆଗାମୀ ଦିନରେ ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ପୂର୍ବତନ ବିଧାୟକ ବଳବନ୍ତରାୟ ଚେତାବନୀ ଦେଇଛନ୍ତି । ଏହି ଖବରଦାତା ସମ୍ମିଳନୀରେ ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତି, ଛାତ୍ରନେତା ଜଗଦାନନ୍ଦ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।



ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ଓ ଅନ୍ୟମାନେ ।

# ଜଗତ୍‌ସିଂହପୁରେ: କାଞ୍ଜିଆହୁଦା ପରିକଳ୍ପନା ଦିଗହରା

- ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶର ଅବମାନନା
- ଗୋରୁଙ୍କ ଯୋଗୁ ଟ୍ରାଫିକ ଜାମ୍, ଷଣ୍ଢ ଉତ୍ପାତ ବଢୁଛି

ଜଗତ୍‌ସିଂହପୁର, ୧୭।୨ (ପ୍ରମୋଦ କୁମାର ନାୟକ)

ମାସେକି ବର୍ଷେ ନୁହେଁ, କେଉଁ ଆବାହନ କାଳରୁ କାଞ୍ଜିଆହୁଦାର ପରିକଳ୍ପନା କରାଯାଇଥିଲା। ଷଣ୍ଢ, ଗାଈ, ମଇଁଷି, ଛେଳି ଓ ମେଣ୍ଢା ଆଦି ପ୍ରାଣୀଙ୍କ ଯୋଗୁ ଲୋକଙ୍କ ଫସଲହାନୀ ରୋକିବା ଏହାର ମୂଳ ଲକ୍ଷ୍ୟ ଥିଲା। ଏଥିସହ ଏହି ପ୍ରାଣୀଙ୍କ ଯୋଗୁ ଯେପରି କ୍ଷୟକ୍ଷତି ନ ହେବ ସେନେଇ ପଦକ୍ଷେପ ନିଆଯାଇଥିଲା। କାଞ୍ଜିଆହୁଦା ଯୋଗୁ ବାସ୍ତବରେ ଅନେକ ଉପକାର ହେଉଥିଲା। ଲୋକେ ସେମାନଙ୍କ ଗୋରୁ ଖୋଲାରେ ଛାଡ଼ିବାକୁ ଡରୁଥିଲେ। କ୍ଷୟକ୍ଷତି ସମ୍ପର୍କରେ ଅଭିଯୋଗ ମାତ୍ରେ କାଞ୍ଜିଆହୁଦାରେ ନିୟୋଜିତ କର୍ମଚାରୀ ତଥା ଦିଗ୍‌ଦାର କାର୍ଯ୍ୟାନୁଷ୍ଠାନ ନେଇ ଗୋ-ମଇଁଷାଦିଙ୍କୁ ତତ୍କାଳ କାଞ୍ଜିଆହୁଦାରେ ଭର୍ତ୍ତି କରୁଥିଲେ। ତା'ପରେ ମାଲିକମାନେ ଜରିମନା ଦେଇ ପ୍ରାଣୀଙ୍କୁ ମୁକୁଳାଉଥିଲେ। ଏହାଦ୍ୱାରା ଲୋକେ ସତର୍କ ହେବା ସହ ପୁନଃ ଭୁଲ କରିବାକୁ ଡରୁଥିଲେ। ଅନ୍ୟପକ୍ଷରେ କାଞ୍ଜିଆହୁଦାରେ ସରକାର ଏହି ପ୍ରାଣୀମାନଙ୍କ ରହିବା, ଖାଇବା, ପିଇବା ପାଇଁ ବନ୍ଦୋବସ୍ତ କରୁଥିଲେ। କିନ୍ତୁ ଆଜି ଏହି ଯୋଜନା ପ୍ରହସନରେ ପରିଣତ ହୋଇଛି। ରାଜ୍ୟର ଅଧିକାଂଶ ସ୍ଥାନରେ କାଞ୍ଜିଆହୁଦା ଆଉ ଦେଖିବାକୁ ମିଳୁନାହିଁ। ଯେଉଁଥିରେ ଜଗତ୍‌ସିଂହପୁର ଜିଲା ଅନ୍ୟତମ। କାଞ୍ଜିଆହୁଦା ଓ ଗୋଶାଳା ଅଭାବରୁ ଜିଲାରେ ବୁଲା ଗୋରୁ, ଷଣ୍ଢ ଆଦିଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏପରି କି ଜଗତ୍‌ସିଂହପୁର ସହରରେ କାଞ୍ଜିଆହୁଦାର ଆବଶ୍ୟକତା ଥିଲେ ସୁଦ୍ଧା ତାହା କରାଯାଉନାହିଁ। ସହରାଞ୍ଚଳରେ ଗୋ-ମଇଁଷାଦି ଆଦି ପ୍ରାଣୀଙ୍କ ଉପରେ ସୁପ୍ରିମକୋର୍ଟ କଟକଣା ଲଗାଇଥିଲେ ସୁଦ୍ଧା କୋର୍ଟଙ୍କ ଏହି ନିର୍ଦ୍ଦେଶ ଫାଇଲ ଭିତରେ ଲୁଚି ରହିଛି। ଯେଉଁ କାରଣରୁ ଗୋ ଚାଲାଣକାରୀମାନେ ଏହାର ଭରପୂର ଫାଇଦା ଉଠାଇ ଚାଲିଛନ୍ତି। ସେମାନେ ରାସ୍ତା ଉପରୁ ଏହି ପ୍ରାଣୀମାନଙ୍କୁ ଟ୍ରକ୍‌ରେ ଉଠାଇ ବାହାରକୁ ଚାଲାଣ କରି ମୋଟା ଅଙ୍କର ଅର୍ଥ ରୋଜଗାର କରୁଛନ୍ତି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର କେତେଜଣ ବୁଦ୍ଧିଜିବୀ ସେମାନଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଅତୀତରେ ସହରର ଶ୍ରୀକୃଷ୍ଣ ଏକାଡେମୀ ପଡିଆ ପାର୍ଶ୍ୱରେ ଏକ କାଞ୍ଜିଆହୁଦା ଥିଲା। କିନ୍ତୁ ଏହାର ରକ୍ଷଣାବେକ୍ଷଣ ଓ ସରକାରଙ୍କ ଆନ୍ତରିକତା ଅଭାବରୁ ବନ୍ଦ ହୋଇଯାଇଛି। ଏହାଦ୍ୱାରା ସହର ସମେତ ଜିଲାର ବିଭିନ୍ନ ସ୍ଥାନରେ ଷଣ୍ଢ, ଗାଈ, ମଇଁଷି ଓ ମାଙ୍କଡ ଆଦିଙ୍କ ଯୋଗୁ ବ୍ୟାପକ ଫସଲ ହାନୀ ଘଟୁଛି। ଏବେ ଅଧିକ ଦୁଗ୍ଧ ଉତ୍ପାଦନକାରୀ ଗୋରୁଙ୍କ ଚାହିଦା ବଢିଛି। ଗାଈ ଜନ୍ମ ଦେବା ପରେ ମାଈ ଛୁଆ ରଖାଯାଉଥିବାବେଳେ ଅଣ୍ଡିରାକୁ ମହାଦେବଙ୍କୁ ଦାନ ବାହାନାରେ ଛାଡି ଦେଉଛନ୍ତି। ଏହାର କାରଣ ହେଉଛି ଆଗପରି ଆଉ ବିଲରେ ବଳଦର ଆବଶ୍ୟକତା ପଡୁନାହିଁ। ଟ୍ରାକ୍ଟର ସମେତ ଉନ୍ନତ କୃଷି ଯନ୍ତ୍ରପାତିର ବହୁଳ ବ୍ୟବହାର ହେଉଛି। ଅଣ୍ଡିରା ବାଛୁରୀ ବୁଲି ବଡ ହେଲାପରେ ଷଣ୍ଢ ହେଉଛି। ତା'ପରେ ସେମାନେ ଚାରିଆଡେ ବୁଲି ଫସଲ ଖାଇବା ସହ ନଷ୍ଟ କରୁଛନ୍ତି। ଆଗେ କମ ସଂଖ୍ୟକ ଷଣ୍ଢ ଥିବା ବେଳେ ଏବେ ଏହି ସଂଖ୍ୟା ଏବେ ଆଶାତୀତ ଭାବେ ବଢିଯାଇଛି। ଜଗତ୍‌ସିଂହପୁର ସହରରେ ୫୦ରୁ ଅଧିକ ଷଣ୍ଢ ବୁଲୁଛନ୍ତି। ସେମାନେ ଯେ କେବଳ ସହର ଓ ପାଖଆଖ ଜମିର ଫସଲ ହାନୀ କରୁଛନ୍ତି ତାହା ନୁହେଁ, ଲୋକଙ୍କ ସାଧାରଣ ଜୀବନଯାତ୍ରାରେ ମଧ୍ୟ ବାଧା ସୃଷ୍ଟି କରୁଛନ୍ତି। ଷଣ୍ଢ ଆକ୍ରମଣରେ ବିଗତଦିନରେ ସହରର ଏକାଧିକ ଲୋକ ଆହତ ହେବା ସହ କେତେଜଣଙ୍କର ମୃତ୍ୟୁ ହୋଇଥିବାର ମଧ୍ୟ ନଜିର ରହିଛି। ଷଣ୍ଢ ଓ ଗାଈଙ୍କ ଯୋଗୁ ସହରରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଲୋକେ ନିରାପଦରେ ଯାତାୟତ କରିପାରୁନାହାନ୍ତି। ସବୁଠାରୁ ବଡ କଥା ହେଲା, ସରକାର ଏହା ଉପରେ ଆଶାଜନକ ପଦକ୍ଷେପ ନେଉନାହାନ୍ତି। ଏ ସମ୍ପର୍କରେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ (ସିଡିଭିଓ) କୈଳାସ ମଲ୍ଲିକଙ୍କୁ ପଚାରିବାରୁ ସେ କହିଥିଲେ, ଜିଲାରେ ୨ ଲକ୍ଷରୁ ଅଧିକ ଗୋରୁ ଅଛନ୍ତି। ବୁଲା ଗୋରୁଙ୍କୁ ରଖିବା ପାଇଁ ଏଥିମଧ୍ୟରେ ୩ଟି ବେସରକାରୀ ଗୋଶାଳା କରାଯାଇଛି। ସେଗୁଡିକ ହେଲା, ରଘୁନାଥପୁର ଜୟଶୋଳସ୍ଥିତ ଭାରତ ଗୋଶାଳା (୨୦ କ୍ଷମତା), ତିର୍ତ୍ତୋଲ ନିକଟ ଶୂନ୍ୟବାସୀ ଗୋଶାଳା (୫୦) ଓ ପାରାଦୀପସ୍ଥିତ ସାରଳା ଗୋଶାଳା (୧୦୦)। ଆଗକୁ ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ କୋର୍ତ୍ତଳ (୧୫୦) ଓ ରଘୁନାଥପୁର ତାରପୁର ନିକଟ କଳାଧାରୀ (୧୫୦)ଠାରେ ଗୋଶାଳା ହେବାକୁ ଯାଉଛି। ପର୍ଯ୍ୟାୟକ୍ରମେ ସମସ୍ତ ବ୍ଲକ ଅଞ୍ଚଳରେ ଏହି ଗୋଶାଳା କରାଯିବ ବୋଲି ଲକ୍ଷ୍ୟ ରଖାଯାଇଛି। ଏ ସମ୍ପର୍କରେ ଜଗତ୍‌ସିଂହପୁର ପୌର ପରିଷଦ ଅଧକ୍ଷା ଅର୍ଚ୍ଚନା ସିଂହଙ୍କୁ ପଚାରିବାରୁ ସେ କହିଥିଲେ, ସମ୍ପ୍ରତି ଏହି ସମସ୍ୟା ଚିନ୍ତାଜନକ। ଯେହେତୁ ଏନେଇ ଜମି ଦରକାର ତେଣୁ ଜିଲାପାଳଙ୍କ ସହ ଆଲୋଚନା କରି କାଞ୍ଜିଆହୁଦା କରିବା ପାଇଁ ପଦକ୍ଷେପ ନେବୁ।

## ନାଳିବର ପ୍ରିମିୟର ଲିଗ୍ କ୍ରିକେଟ: ମହାକାଳ ଇଲେଭେନ ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ।

ରଘୁନାଥପୁର, ୧୭।୨ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ଏରଡଙ୍ଗା ପଞ୍ଚାୟତ ନାଳିବର ଖେଳ ପଡ଼ିଆରେ ଆଞ୍ଚଳିକ ଯୁବକ ସଂଘ ପକ୍ଷରୁ ତିନିଦିନ ବ୍ୟାପି ଚାଲିଥିବା ନାଳିବର ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ମହାକାଳ ଇଲେଭେନ୍ ଚାମ୍ପିୟନ ହୋଇଛି। ଏହି ମ୍ୟାଚ ଲାୟନ ଇଲେଭେନ ଓ ମହାକାଳ ଇଲେଭେନ ମଧ୍ୟରେ ଖେଳାଯାଇଥିଲା। ଲାୟନ ଇଲେଭେନ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୧୦୬ ରନ କରିଥିଲା। ଜବାବ୍‌ରେ ମହାକାଳ ଇଲେଭେନ ୭ ଓଭର ଖେଳି ୧୦୭ ରନ କରି ବିଜୟୀ ହୋଇଥଲା। ଏହି ଉପଲକ୍ଷେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ସ୍ଥାନୀୟ ସରପଞ୍ଚ ଧର୍ମାନନ୍ଦ ସେଠି, ସାହିତ୍ୟିକ ଅଲେଖ ଚନ୍ଦ୍ର ବେହେରା ଓ ପଦନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ମହାକାଳ ଇଲେଭେନକୁ ଟ୍ରଫି ଓ ରନର୍ସ ଅପ କପ୍ ଲାୟନ ଦଳକୁ ପ୍ରଦାନ କରିଥିଲେ। ସତ୍ୟସୁନ୍ଦର ଚୌଧୁରୀ ମ୍ୟାନ ଅଫ ଦି ମ୍ୟାଚ ଓ ବେଷ୍ଟ ବୋଲର, ଅରୁଣ ମହାରଣା ମ୍ୟାନ ଅଫ ଦି ସିରିଜ ଏବଂ ଜଗା କୁମାରଙ୍କୁ ବେଷ୍ଟ ବ୍ୟାଟ୍ସମ୍ୟାନ ଭାବେ ପୁରସ୍କୃତ କରାଯାଇଥିଲା। ଅଭିଷେକ ଦାସ ଓ ସୁରଜ ସାହୁ ଅମ୍ପାୟାର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

## ସଂକ୍ଷେପରେ

### କଲେଜ ଛାତ୍ରୀଙ୍କ ଆପତ୍ତିଜନକ ଫଟୋ ଭାଇରାଲ: ଅଭିଯୁକ୍ତ ଯୁବକ ଗିରଫ

କୁଜଙ୍ଗ, ୧୭।୨ (ମନୋଜ ପ୍ରଧାନ)

ଜଣେ କଲେଜ ଛାତ୍ରୀଙ୍କ ଆପତ୍ତିଜନକ ଫଟୋ ଭାଇରାଲ କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ତାଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। କୁଜଙ୍ଗ ଥାନା ଅଞ୍ଚଳରେ ଏହି ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରକାଶ ଯେ, ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ଡ଼ାଳିମପୁର ଗ୍ରାମର ତୁଷାର ବେହେରା (୨୪)ଙ୍କ ସହ କୁଜଙ୍ଗ ଥାନା ଅଞ୍ଚଳର ଜଣେ କଲେଜ ଛାତ୍ରୀଙ୍କ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ସମ୍ପୃକ୍ତା ଛାତ୍ରୀ ଭୁବନେଶ୍ୱରରେ ରହି ଶିକ୍ଷା ଲାଭ କରୁଥିଲେ। ପାଠପଢ଼ା ପରେ ତୁଷାର ତାଙ୍କୁ ଚାକିରୀ କରାଇ ଦେବାକୁ କହିଥିଲେ। କ୍ରମଶଃ ସେମାନଙ୍କ ମଧ୍ୟରେ ଅନ୍ତରଙ୍ଗତା ବୃଦ୍ଧି ପାଇଥିଲା। ଏହାର ସୁଯୋଗ ନେଇ ଅଭିଯୁକ୍ତ ତୁଷାର ସମ୍ପୃକ୍ତା ଛାତ୍ରୀଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଏହି ସମୟର ଭିଡିଓ ଏବଂ ଫଟୋ ଉତ୍ତୋଳନ କରି ତୁଷାର ଅନେକ ସମୟରେ ସମ୍ପୃକ୍ତା ଛାତ୍ରୀଙ୍କୁ ବ୍ଲାକମେଲ କରିବା ସହ ଶାରିରୀକ ସମ୍ପର୍କ ରଖିବାକୁ ବାଧ୍ୟ କରୁଥିଲେ । ମାତ୍ର ପୀଡ଼ିତା ଏଥିରେ ସହମତି ପ୍ରକାଶ ନ କରିବାରୁ ତାଙ୍କ ସମସ୍ତ ଫଟୋ ଓ ଭିଡିଓ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ କରିଦେଇଥିଲେ । ଏନେଇ ପୀଡ଼ିତା କୁଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତୁଷାରଙ୍କୁ ଘରୁ ଉଠାଇଆଣିଥିଲା। କୁଜଙ୍ଗ ଥାନାରେ ପଚରାଉଚୁରା କରିବା ପରେ ତାଙ୍କୁ ଗିରଫ କରିଥିଲା। ଏନେଇ ଥାନାରେ ମାମଲ (ନଂ. ୬୭/୨୫) ରୁଜୁ ହୋଇଛି। ଅଭିଯୁକ୍ତ ତୁଷାର ଜଣେ ପେଶାଦାର ରୋମିଓ। ସେ ବିଭିନ୍ନ ସମୟରେ ନିରୀହ ଯୁବତୀମାନଙ୍କୁ ପ୍ରେମ ଜାଲରେ ଫସାଇ ବ୍ଲାକମେଲ କରିଥାନ୍ତି ବୋଲି ପୋଲିସ କହିଛି।

### ଆଭା କାର୍ଡ ବଣ୍ଟନ ଶୁଭାରମ୍ଭ କଲେ ଏମ୍‌ପି

ତିର୍ତ୍ତୋଲ, ୧୭।୨ (ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ବ୍ଲକ ଗରାମସ୍ଥିତ ଭଗବତୀ ମନ୍ଦିର ପ୍ରାଙ୍ଗଣରେ ସୋମବାର ଆଭା ସ୍ୱାସ୍ଥ୍ୟ କାର୍ଡ ଶୁଭାରମ୍ଭ ହୋଇଛି। ଏମ୍‌ପି ବିଭୂପ୍ରସାଦ ତରାଇ ମୁଖ୍ୟଅତିଥି ଭାବରେ ଯୋଗଦେଇ ୩୦୦ ହିତାଧିକାରୀଙ୍କୁ ଏହି ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ସଭାରେ କେନ୍ଦ୍ର ସରକାରଙ୍କ ଦତୋପନ୍ତ ଥେଙ୍ଗାଡି ରାଷ୍ଟ୍ରୀୟ ଶ୍ରମିକ ଶିକ୍ଷା ଏବଂ ବିକାଶ ବୋର୍ଡ ବୋର୍ଡର ଆଞ୍ଚଳିକ କାର୍ଯ୍ୟାଳୟର ଅଧିକାରୀ ବସନ୍ତ କୁମାର ପାତ୍ର ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗତ୍‌ସିଂହପୁର ଜିଲା ଭାଜପା ସଭାପତି ପ୍ରତାପ କୁମାର ମିଶ୍ର, ସାମାଜିକ କର୍ମୀ ବିବେକାନନ୍ଦ ହୋତା, ଭାଜପା କୃଷକ ମୋର୍ଚ୍ଚା ଜିଲା ସଭାପତି ତପନ କୁମାର ବେହେରା, ମହିଳା ନେତ୍ରୀ ଜୟଲକ୍ଷ୍ମୀ ମହାନ୍ତି, ବରିଷ୍ଠ ଭାଜପା ନେତା ମୋହିତ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଦତୋପନ୍ତ ଥେଙ୍ଗାଡି ରାଷ୍ଟ୍ରୀୟ ଶ୍ରମିକ ଶିକ୍ଷା ଏବଂ ବିକାଶ ବୋର୍ଡ ବୋର୍ଡର ଆଞ୍ଚଳିକ ଅଧିକାରୀ ରାଜେନ୍ଦ୍ର କୁମାର ପାଢ଼ୀ ଆଭା କାର୍ଡ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଦେବେନ୍ଦ୍ର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପାରାଦୀପ, ଅଠରବାଙ୍କୀ ଦୋଛକି ରାଜପଥ ୫ ଘଣ୍ଟା ଜାମ

### ଭିଡରେ ଅଟକିଲେ ପରୀକ୍ଷାର୍ଥୀ

ପାରାଦୀପ ୧୭।୨ (ଶରତ ରାଉତ)



ପାରାଦୀପ, ଅଠରବାଙ୍କୀ ଦୋଛକି ରାଜପଥରେ ଭାରିଯାନ ଯୋଗୁ ଟ୍ରାଫିକ୍ ଜାମ୍ ହୋଇଛି।

ଜଗତସିଂହପୁର ଜିଲା ପାରାଦୀପ ଅଠରବାଙ୍କୀ ଦୋଛକି ରାସ୍ତାରେ ସବୁଦିନିଆ ଟ୍ରାଫିକ ସମସ୍ୟା ତୁଟିବାରେ ନା ଗନ୍ଧ ଧରୁନାହିଁ। ଏହି ଘଟଣା ପାଇଁ ସୋମବାର ଦ୍ୱାଦଶ ପରୀକ୍ଷାର୍ଥୀମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ସ୍କୁଲ ବସ୍‌ଠାରୁ ଆରମ୍ଭ କରି ବାଇକ ଆରୋହୀ ପର୍ଯ୍ୟନ୍ତ ସକାଳ ୪ଟା ଠାରୁ ୧୦ଟା ପର୍ଯ୍ୟନ୍ତ ସମ୍ପୃକ୍ତ ରାଜପଥ ନିୟନ୍ତ୍ରଣ ବାହାରେ ରହିଥିଲା। ପରୀକ୍ଷାର୍ଥୀ ରାସ୍ତାରେ ଅଟକିବା ଖବର ପ୍ରଘଟ ହେବା ପରେ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଏହାପରେ ପୋଲିସ ଯାଇ ଭୀଡ ଖାଲି କରିବା ବେଳକୁ ୧୦ଟା ବାଜି ଯାଇଥିଲା। ସୂଚନାଯୋଗ୍ୟ, ସିବିଏସଇ ଦ୍ୱାଦଶ ପରୀକ୍ଷା ସୋମବାର ଠାରୁ ଆରମ୍ଭ ହୋଇଛି। ପାରାଦୀପ ଟାଉନସିପ ପରିସରରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟ, ଡିଏଭି ପାରାଦୀପ, ଡିଏଭି ପିପିଏଲ, ଡିପିଏସ ତୈଳବିଶୋଧନାଗାର ଆଦି ସ୍କୁଲ ପରୀକ୍ଷାର୍ଥୀ ମାନଙ୍କର ପରୀକ୍ଷା ସେଣ୍ଟର ପଡିଛି ଇଫକୋ ଡିଏଭି ସ୍କୁଲରେ। ସେହିପରି ଇଫ୍‌କୋ ଡିଏଭି ଓ ଅନ୍ୟ ସ୍କୁଲ ପିଲାଙ୍କ ସେଣ୍ଟର ରାହାମା, କୁଜଙ୍ଗ ଓ ପାରାଦୀପ ଟାଉନସିପ ଅଞ୍ଚଳରେ ଥିବା ସ୍କୁଲରେ ପଡ଼ିଛି। ଏଥିପାଇଁ ସୋମବାର ସକାଳୁ ସ୍କୁଲ ବସ୍. କାର ଅଟୋରିକ୍ସା ଆଦିରେ ପିଲାମାନେ ଯାତାୟାତ କରିଥିଲେ। କେତେକ ଅଭିଭାବକ ବାଇକରେ ନେଇ ପିଲାଙ୍କୁ ଯାଇଥିଲେ। ସବୁ ପିଲାଙ୍କ ଯାତାୟାତ ପ୍ରମୁଖ ରାସ୍ତା ହେଉଛି ଅଠରବାଙ୍କୀ ଦୋଛକି ରାସ୍ତା। ସେହି ରାସ୍ତାରେ ଭୋରୁ ଭାରିଯାନ ଭୀଡ ହୋଇ ଯାଇଥିଲା। ଏପରିକି ବାଇକ୍ ଯିବା ମଧ୍ୟ କଷ୍ଟକର ହୋଇଯାଇଥିଲା। ଉକ୍ତ ରାସ୍ତାର ଦୋଛକି ,ଅଠରବାଙ୍କୀ ଗୋଲେଇଛକ, ତାରିଣୀଗଡା କ୍ରସିଂ ଆଦି ସ୍ଥାନରେ ପୋଲିସ ୨୪ ଘଣ୍ଟିଆ ରହିଛି। ଏହାସତ୍ତ୍ୱେ ଭୀଡ ହୋଇଥିଲା। ଘଟଣା ସମ୍ପର୍କରେ ଦିବାକର ନାୟକ ନାମକ ଅଭିଭାବକ କୁହନ୍ତି, ଜିଲା ପ୍ରଶାସନର ଖାମଖିଆଲି ମନୋଭାବ ଯୋଗୁ ପରୀକ୍ଷା ସମୟରେ ମଧ୍ୟ ପିଲାଙ୍କ ଭବିଷ୍ୟତ ସହ ଖେଳାଯାଉଛି। ପ୍ରକାଶ ଜେନା ନାମକ ଅଭିଭାବକ ନିଜ ପିଲାଙ୍କୁ ନେଇ କାର ଯୋଗେ ଯାଉଥିଲେ। ପରୀକ୍ଷା ସମୟ ପାଖେଇ ଆସିବାରୁ ବାଧ୍ୟ ହୋଇ ବାଇକ ଲିଫ୍ଟ ମାଗି ଯାଇଥିବା କହିଛନ୍ତି। ଘଟଣା ସମ୍ପର୍କରେ ପାରାଦୀପ ଅତିରିକ୍ତ ଜିଲାପାଳ ନିରଞ୍ଜନ ବେହେରାଙ୍କୁ ପଚାରିଲେ କୁହନ୍ତି, ଏହି ଅଭିଯୋଗ ସକାଳେ ପାଇବା ପରେ ଆମେ ୪ଟି ଥାନାର ପୋଲିସ ସହାୟତାରେ ଭୀଡ ନିୟନ୍ତ୍ରଣ କରିଥିଲୁ। ଆଗକୁ ସେଭଳି ଘଟଣାର ପୁନରାବୃତ୍ତି ନ ହେବା ପାଇଁ ପଦକ୍ଷେପ ନିଆଯାଇଛି। ପରୀକ୍ଷା ଦିନ ସକାଳୁ ବ୍ୟାପକ ପୋଲିସ ବନ୍ଦୋବସ୍ତ କରାଯିବ।

## ରାଜ୍ୟସ୍ତରୀୟ ଟି୨୦ କ୍ରିକେଟ | ସେମିଫାଇନାଲରେ ଏନ୍‌ଏନ୍‌ସିସି

ଜଗତ୍‌ସିଂହପୁର, ୧୭।୨ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ପୁନର୍ଙ୍ଗସ୍ଥିତ ଜୟଦୁର୍ଗା ଯୁବ ଓ କ୍ରୀଡ଼ା ସଂଘ ପକ୍ଷରୁ ଗତ ୧୬ ତାରିଖରୁ ଆରମ୍ଭ ହୋଇଥିବା ଅନିଲ ମେମୋରିଆଲ ଗୋଲଡେନ୍ କପ୍ ରାଜ୍ୟସ୍ତରୀୟ ଟି୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଜଗତ୍‌ସିଂହପୁରର ଆମ୍ବେଡକର ସ୍ପୋର୍ଟିଂକୁ ୮ ଉଇକେଟ୍‌ରେ ହରାଇ ଖୋର୍ଦ୍ଧା ବାମଣ୍ଡାସ୍ଥିତ ଏନ୍‌ଏନ୍‌ସିସି ସେମିଫାଇନାଲରେ ପ୍ରବେଶ କରିଛି। ଏନ୍‌ଏନ୍‌ସିସି ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଆମ୍ବେଡକର ସ୍ପୋର୍ଟିଂ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ଅରୁଣ ମହାରଣାଙ୍କ ସର୍ବାଧିକ ୩୩ ରନ୍ ସହାୟତାରେ ୯ ଉଇକେଟ୍ ବିନିମୟରେ ୧୪୪ ରନ୍ ସଂଗ୍ରହ କରିବାକୁ ସମର୍ଥ ହୋଇଥିଲା। ଏନ୍‌ଏନ୍‌ସିସି ପକ୍ଷରୁ ନିଲୁ ପ୍ରଧାନ ଓ ରିତେଶ ପ୍ରିୟରଞ୍ଜନ ଉଭୟ ୩ଟି ଲେଖାଏଁ ଉଇକେଟ୍ ନେଇଥିଲେ। ୧୪୫ ରନ୍‌ର ବିଜୟ ଲକ୍ଷ୍ୟ ରଖି ଏନ୍‌ଏନ୍‌ସିସି ବ୍ୟାଟିଂ କରିଥିଲା। ଏହି ଦଳର ଅଂଶୁମାନ ଦାସ ଆକ୍ରମଣାତ୍ମକ ବ୍ୟାଟିଂ କରି ୩୪ ବଲ୍‌ରେ ୬ ଛକା ଓ ୬ ଚୌକା ସହାୟତାରେ ଆକର୍ଷଣୀୟ ୭୦ ରନ୍ ସଂଗ୍ରହ କରି ଦଳକୁ ମଜଭୁତ ସ୍ଥିତିକୁ ନେଇଥିଲେ। ଫଳରେ ଦଳ ୧୩.୪ ଓଭରରେ ମାତ୍ର ୨ ଉଇକେଟ୍ ବିନିମୟରେ ବିଜୟୀ ହୋଇଥିଲା। ମ୍ୟାଚ ପ୍ରାରମ୍ଭରେ ଅତିଥିଭାବେ ନରେନ୍ଦ୍ରନାଥ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ସନାତନ ଖୁଣ୍ଟିଆ ଓ ସଂଘ କୋଷାଧ୍ୟକ୍ଷ ସମୀର ଭଟ୍ଟାଚାର୍ଯ୍ୟ ଯୋଗ ଦେଇଥିଲେ। ମ୍ୟାଚର ସାନ୍ଧ୍ୟକାଳୀନ ଅତିଥିଭାବେ ସାମାଜିକ କର୍ମୀ ପ୍ରଶାନ୍ତ ମଲ୍ଲିକ୍, ସିଦ୍ଧ ବାରଙ୍ଗ ମହାବିଦ୍ୟାଳୟ ଅଧକ୍ଷା କ୍ରୀଷ୍ଣା ମଞ୍ଜରୀ ଦେଈ, ସାମାଜିକ କର୍ମୀ ସୂର୍ଯ୍ୟ ନାରାୟଣ ମହାନ୍ତି, ସଂଘ ଉପଦେଷ୍ଟା ଗୌତମ ଗୋସ୍ୱାମୀ, ଯାତ୍ରା ନାୟକ ବିନୋଦ କୁମାର, ହାସ୍ୟାଭିନେତା ମାଷ୍ଟର ସୋନୁ ଓ ସିଦ୍ଧ ବାରଙ୍ଗ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନର ଅଧ୍ୟାପକ ଅମିୟ ରଞ୍ଜନ ଦାସ ଯୋଗଦେଇ ଏନ୍‌ଏନ୍‌ସିସି ଦଳର ଅଂଶୁମାନଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ସମ୍ମାନିତ କରିଥିଲେ। ଏହି ମ୍ୟାଚକୁ ସଞ୍ଜୀବ ବେହେରା ଓ ଜୟନ୍ତ ଦାସ ପରିଚାଳନା କରିଥିଲେ। ଶଙ୍କର ବାରିକ, ଯୁବରାଜ ମହାନ୍ତି, ରଙ୍ଗତାରା ଓ ସାହିଲ ମିର୍ଜା ପ୍ରମୁଖ ସହଯୋଗ କରିଥିଲେ।

# ପରିବେଶ ସଂକ୍ରାନ୍ତ ସର୍ତ୍ତାବଳୀକୁ ଉଲ୍ଲଂଘନ ଅଭିଯୋଗ

କୁଜଙ୍ଗ, ୧୭।୨ (ମନୋଜ ପ୍ରଧାନ)

ଏରସମା ବ୍ଲକ ନୂଆଗାଁ ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ସ୍ମୃତି ରଞ୍ଜନ ମନ୍ତ୍ରୀଙ୍କ ଆବାହକତ୍ୱରେ ସ୍ଥାନୀୟ ସିଦ୍ଧ ଗୁମ୍ଫାଠାରେ ସୋମବାର ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇ ଜେଏସ୍‌ଡବ୍ଲ୍ୟୁ କମ୍ପାନୀ ବିରୋଧରେ ବିଭିନ୍ନ ଅଭିଯୋଗ କରାଯାଇଛି। ଏଥିରେ ଦର୍ଶାଯାଇଥିଲା ଯେ, କମ୍ପାନୀ ପରିବେଶ ସଂକ୍ରାନ୍ତ ସର୍ତ୍ତାବଳୀକୁ ଉଲ୍ଲଂଘନ କରାଯାଇ ବ୍ୟାପକ ଗଛକଟା ଯାଉଛି। ପ୍ରତିବଦଳରେ ଜଙ୍ଗଲ ସୃଷ୍ଟି କରାଯାଉ ନାହିଁ। ୨୫ କିମି ଦୂର ତାଳଦଣ୍ଡା ଠାରୁ ମହାନଦୀରୁ ପାଣି ଆଣି ବ୍ୟବହାର କରିବାର ସର୍ତ୍ତ ଥିବା ବେଳେ କମ୍ପାନୀ କର୍ତ୍ତୃପକ୍ଷ ତାହା ନକରି ଶତାଧିକ ବୋରିଂ କରି ଭୂତଳ ଜଳ ବ୍ୟବହାର କରିଛନ୍ତି। ଲୋକଙ୍କ କ୍ଷତି ପୂରଣ ନଦେଇ ଗଛ କଟା ଯାଉଛି। ଏହାକୁ ବନ୍ଦ କରିବାକୁ ଦାବି କରିବା ସହ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ଏସମ୍ପର୍କରେ କମ୍ପାନୀ କର୍ତ୍ତୃପକ୍ଷଙ୍କ ମତାମତ ନେବାରେ କହିଥିଲେ, କୌଣସି ଗୋଟିଏ ହେଲେ ସର୍ତ୍ତ ଉଲ୍ଲଂଘନ କରିବାକୁ ପ୍ରୟାସ ହୋଇନାହିଁ। ସେ କହିଥିଲେ ଯେହେତୁ ନିର୍ମାଣ କାମ ଆରମ୍ଭ ହୋଇନି ଜଳ ବ୍ୟବହାର କରିବାର ପ୍ରଶ୍ନ ଉଠୁନାହିଁ। ଭବିଷ୍ୟତରେ ଆବଶ୍ୟକୀୟ ପାନୀୟ ଜଳ ନିମନ୍ତେ କେତେକ ସ୍ଥାନରେ ପରୀକ୍ଷା କରାଯାଇଛି। କାରଖାନା ନିର୍ମାଣ ହେବା ପରେ କାରଖାନା ପରିସରରେ ୯୫୭ ଏକର ଜାଗାରେ ଓ ବାହାରେ ୨୧୨ ଏକର ଜାଗାରେ ଜଙ୍ଗଲ ସୃଷ୍ଟି କରାଯିବ। ଏହାଛଡ଼ା ପାରିପାର୍ଶ୍ୱିକ ଉନ୍ନୟନ ବାବଦରେ ୧୯ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅସିତ୍ କୁମାର ସ୍ୱାଇଁ , ବିଜୟ ନାୟକ, ତୀର୍ଥରାଜ ମନ୍ତ୍ରୀ, ପ୍ରେମାନନ୍ଦ ଦାସ ଓ ନାରାୟଣ ବର୍ଦ୍ଧନ ପ୍ରମୁଖ ଉପସ୍ଥିତ ଥିଲେ।

# ଜଇପୁର-କଟିକଟା ବ୍ରିଜ ଉପରେ ୨ ଇଞ୍ଚର ବାଲି

### ବିପଦରେ ବାଇକ ଚାଳକ, ପଥଚାରୀ

ରଘୁନାଥପୁର, ୧୭।୨ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ତହସିଲ ଅନ୍ତର୍ଗତ ଜଇପୁର ଠାରେ ମହାନଦୀ ଉପରେ ନବନିର୍ମିତ ଜଇପୁର କଟିକଟା ବ୍ରିଜ ଉପର ଦୁଇ ପାର୍ଶରେ ୨ ଇଞ୍ଚ ବହଳର ବାଲି ଜମି ରହିଛି। ଫଳରେ ବାଇକ ଚାଳକ ପାଇଁ ଯାତାୟତରେ ସମସ୍ୟା ସୃଷ୍ଟି ହେବା ସହ ଅନେକ ସମୟରେ ଦୁର୍ଘଟଣା ଘଟି ଲୋକେ ଆହତ ହେଉଛନ୍ତି। ଏହାଛଡା ପଥଚାରୀମାନେ ଯାତାୟତ କଲାବେଳେ ବାଲିଉଡି ଆଖିକାନରେ ପଶି ଲୋକେ ଅଣନିଃଶ୍ୱାସୀ ହୋଇଯାଉଛନ୍ତି।

ଦୈନିକ ଏହି ବ୍ରିଜର ଉଭୟ ପାର୍ଶରେ ଥିବା ବାଲିଘାଟରୁ ହାଇୱା ଟ୍ରକରେ ଶତାଧିକ ଟ୍ରିପ ବାଲି ଏହି ବ୍ରିଜ ଦେଇ କଟକ-ପାରାଦୀପ ରାସ୍ତାରେ ବିଭିନ୍ନ ସ୍ଥାନକୁ ଯାତାୟତ କରିଥାଏ। ଏହି ସମୟରେ ଟ୍ରକରୁ ବାଲି ଖସି ବ୍ରିଜ ଉପରେ ଜମି ଯାଏ। ସାଧାରଣଜନତାଙ୍କ ଯାତାୟାତ ସୁରକ୍ଷା ନିମନ୍ତେ ଏହି ବାଲିକୁ ସଫା କରିବା ଅତ୍ୟନ୍ତ ଜରୁରୀ ହୋଇଥିବାବେଳେ ପ୍ରଶାସନ କିମ୍ବା ବାଲିଘାଟ ନିଲାମ ଧରିଥିବା ବ୍ୟକ୍ତିଙ୍କ ଏଥିପ୍ରତି ନଜର ନାହିଁ।

ଏ ସମ୍ପର୍କରେ ବ୍ରିଜ ନିର୍ମାଣ ଦାଇତ୍ୱରେ ଥିବା ଆର ଆଣ୍ଡ ବି ଯନ୍ତ୍ରୀ ବିନୟ କୁମାର ସାହୁ କୁହନ୍ତି ଯେ, ବର୍ଷକୁ ଦୁଇଥର ବିଭାଗ ପକ୍ଷରୁ ବାଲି ସଫା କରାଯାଉଛି। ଏହାଛଡା ଦୈନନ୍ଦିନ ବାଲିଗାଡି ଚଳାଚଳ ଯୋଗୁ ସେଥିରୁ ବାଲି ପଡି ଏପରି ସମସ୍ୟା ଉପୁଜିଛି। ଅନ୍ୟପକ୍ଷେ ବାଲିଘାଟ ନିଲାମ ଦେଇଥିବା ମାଇନ୍ସ ବିଭାଗକୁ ଏ ସମ୍ପର୍କରେ ଅବଗତ କରାଯିବ ବୋଲି ଏସ୍‌ଡିଓ ରାଧାକାନ୍ତ ଭୂୟାଁ ପ୍ରକାଶ କରିଛନ୍ତି। ପ୍ରାୟ ପ୍ରତ୍ୟେକ ଦିନ ବ୍ରିଜ ଉପରେ ଜମିଥିବା ବାଲିରେ ବାଇକ ଫସି ଛୋଟବଡ଼ ଦୁର୍ଘଟଣା ଘଟୁଥିବା ବେଳେ ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବାପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।



ଜଇପୁର-କଟିକଟା ବ୍ରିଜ ଉପରେ ଜମିଥିବା ବାଲି।

DSPL - 388

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା

ସୂଚନା

ଦ୍ୱାଦଶ ଶ୍ରେଣୀ ବାର୍ଷିକ ଉଚ୍ଚ ମାଧ୍ୟମିକ ପରୀକ୍ଷା ୨୦୨୫ ଚଳିତ ବର୍ଷ ତା.୧୮.୦୨.୨୦୨୫ ଠାରୁ ଆରମ୍ଭ ହେଉଛି । ଏଥିପାଇଁ ପରିଷଦ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଉଛି ।

ପରୀକ୍ଷାରେ ସ୍ୱଚ୍ଛତା, ନିରପେକ୍ଷତା ଓ ପବିତ୍ରତା ଅବଲମ୍ବନ କରିବା ପାଇଁ ପରିଷଦ ସମସ୍ତ ପ୍ରକାର ଆୟୋଜନ କରିଛି । ପୋଲିସ ପ୍ରଶାସନ, ଜିଲ୍ଲା ପ୍ରଶାସନ ସମେତ ସମସ୍ତ ସରକାରୀ ବିଭାଗ ସଦା ଜାଗ୍ରତ ଅଛନ୍ତି ଏବଂ ନିର୍ବିଘ୍ନରେ ପରୀକ୍ଷା ପରିଚାଳନା ପାଇଁ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି । ପରୀକ୍ଷା ସମ୍ବନ୍ଧୀୟ ବିଭ୍ରାନ୍ତିକର, କପୋଳକଳ୍ପିତ, ମିଥ୍ୟା ଖବର ପ୍ରଚାର କରୁଥିବା ବ୍ୟକ୍ତି, ଅନୁଷ୍ଠାନମାନଙ୍କୁ ଏପରି ନ କରିବାକୁ ସତର୍କ କରାଇ ଦିଆଯାଉଛି ।

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ପୁଣି ଥରେ ସମସ୍ତ ପରୀକ୍ଷାର୍ଥୀଙ୍କୁ ଶୁଭେଚ୍ଛା ଜଣାଉଛି ।

ଶୁଭଶ୍ରୀ ନନ୍ଦ, ଅଧକ୍ଷା

OIPR-11003/13/0016/2425

# ତଦନ୍ତ ନ କରି ହିତାଧିକାରୀ ଚୟନ

ନୟାଗଡ,୧୭।୨(ଲୋକନାଥ ମିଶ୍ର)

- ବାଟବଣା ବୃଷ୍ଟିପୁଷ୍ଟ ଅଞ୍ଚଳ ଉନ୍ନୟନ ସହାୟତା ସ୍କିମ
- ଚୟନରେ ସ୍ୱଚ୍ଛତା ନ ଥିବାରୁ ବଢ଼ୁଛି ଅନିୟମିତତା
- ଗୋଟିଏ ପରିବାରର ୨ରୁ ୪ ଜଣ ଚିହ୍ନଟ
- ଅନୁଦାନରୁ ଅଧା ଲାଞ୍ଚରେ ଦେବାକୁ ପ୍ରତିଶ୍ରୁତି
- ଚାଷୀଙ୍କୁ ଅଣଦେଖା, ଅଣଚାଷୀଙ୍କୁ ଗୁରୁତ୍ୱ

ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ବୃଷ୍ଟିପୁଷ୍ଟ ଅଞ୍ଚଳ ଉନ୍ନୟନ ପାଇଁ ଚାଷୀ ପାଇବାକୁ ଥିବା ସହାୟତା ରାଶିର ଚୟନ ପ୍ରକ୍ରୀୟାରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଡିବିଟି ମାଧ୍ୟମରେ ଚାଷୀଙ୍କ ଆକାଉଣ୍ଟକୁ ଟଙ୍କା ଆସି ନ ଥିବାବେଳେ ଚୟନ ହୋଇଥିବା ହିତାଧିକାରୀଙ୍କଠାରୁ ୧ରୁ ୨ ହଜାର ଟଙ୍କା ଆଦାୟ ହୋଇ ସାରିଥିବା କୁହାଯାଉଛି। ସରକାରୀ ଅନୁଦାନ ମିଳିଲେ ଅଧା ଟଙ୍କା ଲାଞ୍ଚରେ ଦିଆଯିବ ବୋଲି ସହମତି ଖବର ଚର୍ଚ୍ଚା ଓ ଅଭିଯୋଗ ପରେ ଚାଷୀଙ୍କ ମହଲରେ ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ ପାଇଛି। ଅନ୍ୟପକ୍ଷେ ଯେଉଁ ଚାଷୀମାନେ ପ୍ରକୃତ ଗାଈ ଗୋରୁ, ଛେଳି ଓ କୁକୁଡ଼ା ରଖୁଛନ୍ତି ସେମାନଙ୍କ ପାଇଁ ଯୋଜନା ଅପହଞ୍ଚ ହେଉଥିବାବେଳେ ଅଣଚାଷୀ ଏହାର ଫାଇଦା ନେବାକୁ ଲାଗି ପଡିଛନ୍ତି। ଗୋଟିଏ ପରିବାରରୁ ୩ରୁ ୪ଜଣ ଏଭଳି ଯୋଜନାରେ ନାଁ ଥିବାରୁ ହିତାଧିକାରୀ ଚୟନରେ ସ୍ୱଚ୍ଛତା ରହୁନି ବୋଲି ଅଭିଯୋଗ ଉଠିଛି। ସେପଟେ ବୃଷ୍ଟିପୁଷ୍ଟ ଅଞ୍ଚଳ ଉନ୍ନୟନ ଅର୍ଥ ପ୍ରାରମ୍ଭରୁ ବାଟବଣା ହୋଇଥିବା ଭଳି ଅଭିଯୋଗ ଚାଷୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଏଭଳି ଅଭିଯୋଗ ନୟାଗଡ଼ ଜିଲା ରଣପୁର ନିର୍ବାଚନମଣ୍ଡଳୀର ଓଡ଼ଗାଁ ବ୍ଲକ ଗୋଡିପଡ଼ା ଓ ଶରଣକୁଳ ଜୋନରେ ଥିବା ୧୮ ପଞ୍ଚାୟତରେ ବଢ଼ିବାରେ ଲାଗିଛି। ତେବେ ୧୮ ପଞ୍ଚାୟତରୁ ପଞ୍ଚୁମୁ, ଗୋଟିସାହି ଓ ବରସାହି ପଞ୍ଚାୟତରେ ହିତାଧିକାରୀ ଚୟନ ଶେଷ ହୋଇଥିବା କୁହାଯାଉଛି।

ସରକାର ବୃଷ୍ଟିପୁଷ୍ଟ ଅଞ୍ଚଳ ଉନ୍ନୟନ ସ୍କିମରେ କୃଷି, ମୃତ୍ତିକା ସଂରକ୍ଷଣ, ପ୍ରାଣୀ ବିଭାଗ, ଉଦ୍ୟାନ ଓ ମତ୍ସ୍ୟ ବିଭାଗ ପକ୍ଷରୁ ଚାଷୀଙ୍କୁ ସର୍ବମୋଟରେ ୩୦ହଜାର ସହାୟତା ଦେବାକୁ ନିଷ୍ପତ୍ତି ନେଇ ଯୋଜନା କରିଛନ୍ତି। ୩୦ ହଜାର ଟଙ୍କାରୁ ଉଦ୍ୟାନ ବିଭାଗ ମହୁଚାଷ ପାଇଁ ୫ ହଜାର ଓ ଫଳ ଚାଷ ପାଇଁ ୨ ହଜାର ଏପରି ମୋଟରେ ୭ ହଜାର ଟଙ୍କା ଦେଉଥିବାବେଳେ ପ୍ରାଣୀ ବିଭାଗ ୧୨ ହଜାର ଟଙ୍କା ଦେଉଛି। ସେହିପରି ମୃତ୍ତିକା ସଂରକ୍ଷଣ ବିଭାଗ ୨ ହଜାର, ଜଳ ବିଭାଜିକା ପକ୍ଷରୁ ୫ ହଜାର, କୃଷି ବିଭାଗ ପକ୍ଷରୁ ୪ ହଜାର ଟଙ୍କା ଅନୁରୂପ ଭାବେ ସହାୟତା ଦିଆଯିବ। ଜଣେ ଚାଷୀ ୧ଟି ଗାଈ, ୪ଟି ଛେଳି ଓ ୫୦ କୁକୁଡ଼ା ଚାଷ କରିବାକୁ ଅନୁଦାନ ଦିଆଯାଉଛି। ୩୦ ହଜାର ପାଇବାକୁ ହେଲେ ଚାଷୀ ଇନ୍ସୁରାନ୍ସ ଓ ଜିଏସ୍‌ଟି ପାଇଁ ୧୪୦୦ ରୁ ୧୫୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ଏଥିପାଇଁ ସରକାରୀ ରସିଦ ମିଳିବ। ପ୍ରଥମେ ଚାଷୀ ଗାଈ, ଛେଳି ଓ କୁକୁଡ଼ା କିଣି ଇନ୍ସୁରାନ୍ସ କରିବେ। ନିଜ ଗୁହାଳ ସମ୍ମୁଖରେ ଫଟୋ ଉଠାଇବା ପରେ ତାଙ୍କ ଆକାଉଣ୍ଟକୁ ୩୦ ହଜାର ଟଙ୍କା ଡିବିଟି ମାଧ୍ୟମରେ ଆସିବ। ୫ଟି ବିଭାଗ ପକ୍ଷରୁ ସ୍କିମ ଚାଲୁଥିବାବେଳେ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ବିଭାଗ ମୁଖ୍ୟ ବିଭାଗ ଭାବେ କାର୍ଯ୍ୟ କରି ସହାୟତା ଯୋଗାଇ ଦେଉଛି। ତେବେ ପ୍ରଶ୍ନ ଉଠୁଛି ସରକାରୀ ଅନୁଦାନ କାହିଁକି ପ୍ରକୃତ ଚାଷୀଙ୍କ ପାଖକୁ ଯାଉନି। ଏ ନେଇ ପଞ୍ଚୁମୁ ପଞ୍ଚାୟତ ସରପଞ୍ଚ ରାଣୀ ପାଇକରାୟ କହିଛନ୍ତି, ବୃଷ୍ଟିପୁଷ୍ଟ ଅଞ୍ଚଳ ଉନ୍ନୟନ ଅର୍ଥ ପାଇଁ ହୋଇଥିବା ହିତାଧିକାରୀ ଚୟନ ବିନା ତଦନ୍ତରେ କରାଯାଇଛି। ଆମ ପଞ୍ଚାୟତରେ ପ୍ରକୃତ ଚାଷୀ ଅଣଦେଖା ହୋଇ ରହିଗଲେ। କେତେଜଣ ଅଣଚାଷୀ ଧରାଧରି କରି ଫାଇଦା ନେବାକୁ ବସିଛନ୍ତି। ଯୋଜନାର ସୁଫଳ ମିଳିବ କିପରି। ଏହାର ତଦନ୍ତ କରଗଲେ ସତ୍ୟାସତ୍ୟ ଜଣାପଡିବ। ପ୍ରତାପ ସାହୁ ନାମକ ଜଣେ ଚାଷୀ କହିଛନ୍ତି, ଚାଷୀଙ୍କୁ ତ ସୁବିଧା ଦିଆଯାଉନି। ଅଣଚାଷୀ ବିନା ପରିଶ୍ରମରେ ଟଙ୍କା ପାଇବାକୁ ଯାଉଥିବାରୁ ଅଥାତ୍ ଅର୍ଥ ଲାଞ୍ଚ ଦେବାକୁ ସହମତି ପ୍ରକାଶ ପାଇଛି। ଏଥିରେ ସରକାରୀ କର୍ମଚାରୀ, ଦଲାଲ, ଅଣଚାଷୀ ଲାଭରେ ରହିବେ। ଏଣୁ ଏନେଇ ଏକ ର୍‍ୟାକେଟ କାମ କରୁଛି। ଏହାର ତଦନ୍ତ କରିବା ପାଇଁ ଦାବି ହେଉଛି। ଓଡଗାଁ ବ୍ଲକର ସହକାରୀ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଅଧିକାରୀ ମିହିର ପାତ୍ରଙ୍କୁ ପଚାରିବାରେ ବୃଷ୍ଟିପୁଷ୍ଟ ଅଞ୍ଚଳ ଉନ୍ନୟନ ପାଇଁ ହିତାଧିକାରୀ ଚୟନରେ ଯେଉଁଠି ଅନିୟମିତତା ଅଭିଯୋଗ ଆସୁଛି ସେଠାରେ ତଦନ୍ତ କରାଯାଇ ପରିବର୍ତ୍ତନ କରାଯାଉଛି। ଯେଉଁମାନେ ପ୍ରକୃତ ଚାଷୀ ସେମାନଙ୍କୁ ଯୋଜନାରେ ସାମିଲ କରିବାକୁ ଉଦ୍ୟମ କରୁଛୁ। ଯେଉଁ ଚାଷୀ ଏହି ଯୋଜନାରେ ସାମିଲ ହେବେ କାହାରିକୁ ଲାଞ୍ଚ ଦିଅନ୍ତୁ ନାହିଁ। ଯଦି କାହାରିକୁ ଟଙ୍କା ଦେଉଛନ୍ତି ତେବେ ରସିଦ୍ ଆଣନ୍ତୁ। ଚାଷୀ ନିଜ ଗୁହାଳ ସମ୍ମୁଖରେ ଗାଈ, ଛେଳି, କୁକୁଡାର ଫଟୋ ଉଠାଇବା ସହ ଇନ୍ସୁରାନ୍ସ ଓ ଜିଏସ୍‌ଟି ଦେୟ ଦେବା ପରେ ଆକାଉଣ୍ଟକୁ ଡିବିଟି ଯୋଗେ ସରକାରୀ ସହାୟତା ଆସିବ। ଯୋଜନାରେ ଅନିୟମିତତା ନ ହୋଇ ଯେପରି ସ୍ୱଚ୍ଛତା ରହିବ ସେନେଇ ପ୍ରୟାସ ଜାରି ରହିଛି ବୋଲି ସେ କହିଛନ୍ତି। ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଉପେନ୍ଦ୍ର ପରିଡାଙ୍କୁ ପଚାରିବାରେ ବୃଷ୍ଟିପୁଷ୍ଟ ଅଞ୍ଚଳ ଉନ୍ନୟନ ସ୍କିମ ବାବଦରେ ଯେଉଁ ଅଭିଯୋଗ ଉଠୁଛି ତା'ର ତଦନ୍ତ ହେବ। ପ୍ରକୃତ ହିତାଧିକାରୀ ଯେପରି ଯୋଜନାର ସୁଫଳ ନେବେ ସେନେଇ ଉଦ୍ୟମ ଜାରି ରହିବ ବୋଲି ସେ କହିଛନ୍ତି।

# ଶ୍ରୀନୀଳମାଧବ ପୀଠ କଣ୍ଟିଲୋ ଐତିହ୍ୟ ଗ୍ରାମର ମାନ୍ୟତା ପାଇବ



କଣ୍ଟିଲୋର ଶ୍ରୀନୀଳମାଧବଙ୍କ ମନ୍ଦିର।

ଖଣ୍ଡପଡା,୧୭।୨(ଅଜୟ କୁମାର ମହାରଣା)

ଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବେ କଣ୍ଟିଲୋର ଶ୍ରୀନୀଳମାଧବ ପୀଠ ସର୍ବଜନ ବିଦିତ। ଏହି ପୀଠର ବିକାଶ ଲାଗି ରାଜ୍ୟ ସରକାର ପ୍ରତିଶ୍ରୁତି ବଦ୍ଧ ହୋଇଥିବା ବେଳେ ସୋମବାର ବିଧାନସଭା ଗୃହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳ କଣ୍ଟିଲୋକୁ ଏକ ଐତିହ୍ୟ (କ୍ରାଫ୍ଟ ଭିଲେଜ) ଗ୍ରାମର ମାନ୍ୟତା ସହ ବିଶ୍ୱ ବିଖ୍ୟାତ ଜ୍ୟୋତିର୍ବିଦ ପଠାଣି ସାମନ୍ତଙ୍କ ଜନ୍ମମାଟି ଖଣ୍ଡପଡ଼ାରେ ସାମନ୍ତଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ଖୁବ୍‌ଶୀଘ୍ର ଏକ ପ୍ଲାନେଟୋରିୟମ ପ୍ରତିଷ୍ଠା ହେବ ବୋଲି ଘୋଷଣା କରିଛନ୍ତି।

## ଖଣ୍ଡପଡ଼ାରେ ପ୍ରତିଷ୍ଠା ହେବ ପ୍ଲାନେଟାରିୟମ

ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇବା ସହ ନୂତନ ଆଶା ସଞ୍ଚାର ହୋଇଛ। ସୂଚନାଯୋଗ୍ୟ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରି ଆସୁଥିଲେ। ମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ କଣ୍ଟିଲୋ ଓ ଖଣ୍ଡପଡ଼ା ଅଞ୍ଚଳବାସୀ ସ୍ୱାଗତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀବାସୀ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ହରେକୃଷ୍ଣପୁର ସ୍କୁଲ ସମ୍ମୁଖ ଡ୍ରେନରେ ଗର୍ତ୍ତ

## ବିପଦସଙ୍କୁଳ ଭାବେ ଯାତାୟାତ କରୁଛନ୍ତି ଛାତ୍ରୀଛାତ୍ର



ଗେଟ ସମ୍ମୁଖରେ ସୃଷ୍ଟି ହୋଇଥିବା ଗର୍ତ୍ତ।

ନୟାଗଡ଼,୧୭।୨(ଲୋକନାଥ ମିଶ୍ର)

ନୟାଗଡ ବ୍ଲକ ହରେକୃଷ୍ଣ ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲ ସମ୍ମୁଖରେ ଡ୍ରେନରେ ୨ଟି ବଡ଼ ବଡ଼ ଗର୍ତ୍ତ ହୋଇଛି। ଗୋଟିଏ ଗର୍ତ୍ତକୁ ପୋତି ଦିଆଯାଇଥିବାବେଳେ ଅନ୍ୟଟି ବିପଦସଙ୍କୁଳ ଭାବେ ରହିଛି। ଡ୍ରେନ ଗର୍ତ୍ତ ସମ୍ମୁଖରେ ସ୍କୁଲର ଗେଟ ରହିଛି। ପ୍ରତିଦିନ ଶତାଧିକ ଛାତ୍ରୀଛାତ୍ର ଡ୍ରେନର ଗର୍ତ୍ତ ପାଖ ଦେଇ ଯାତାୟାତ କରୁଛନ୍ତି। ଡ୍ରେନର ଗର୍ତ୍ତ ମଧ୍ୟ ବଢ଼ିବାରେ ଲାଗିଛି। ତେବେ ଗର୍ତ୍ତକୁ ପୋତାଯାଉନି କି ମରାମତି ମଧ୍ୟ କରାଯାଉନି। ଏଭଳିସ୍ଥଳେ ଗର୍ତ୍ତରେ ପଡ଼ି କେତେଜଣ ଛାତ୍ରୀଛାତ୍ର ଆହତ ମଧ୍ୟ ହେଲେଣି। ସ୍କୁଲକୁ ଲାଗି ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥ ବି ଯାଇଛି। ପ୍ରତ୍ୟେହ ଶତାଧିକ ଯାନବାହାନ ରାଜପଥରେ ଯାତାୟାତ କରୁଥିବାରୁ ଅନୁରୂପ ଭାବେ ବିପଦର ଭୟ ରହିଛି।

# ପରିବେଶ ଶିକ୍ଷା କାର୍ଯ୍ୟକ୍ରମର ପ୍ରଶିକ୍ଷଣ ଶିବିର



ଶିବିରରେ ଯୋଗ ଦେଇଥିବା କୃତୀ ଛାତ୍ରୀଛାତ୍ର ଅତିଥିମାନଙ୍କ ଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ଦଶପଲ୍ଲା,୧୭।୨( ପ୍ରକାଶ କୁମାର ପାଣି)

ପରିବେଶ ସନ୍ତୁଳନ ଏବଂ ଯୁବ ପିଢ଼ି ପାଇଁ ଏକ ବୈପ୍ଳବିକ ଆହ୍ୱାନର ବାର୍ତ୍ତା ନେଇ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ନଛିପୁରଠାରେ ରବିବାର ପରିବେଶ ଶିକ୍ଷା କାର୍ଯ୍ୟକ୍ରମ ଭାରତ ସରକାରଙ୍କ ଆନୁକୂଲ୍ୟରେ ପ୍ଲାଣ୍ଟ ନର୍ସରି ଡେଭଲପମେଣ୍ଟ ଶିକ୍ଷାବସ୍ତୁ ଆଧାରିତ ଏକ ଦିବସୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ସଂଯୋଜିକା ତଥା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜିବନୀ ସାମଲ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ବନପାଳ ପ୍ରଫୁଲ୍ଲ କୁମାର ଦାଶ ଯୋଗଦେଇ ପ୍ଲାଣ୍ଟ ନର୍ସରୀ ବିକାଶ ପ୍ରଣାଳୀ, ଶିକ୍ଷଣ ଶିକ୍ଷାର୍ଥୀମାନଙ୍କୁ କିପରି ଅଧିକ ଉତ୍ପାଦନ କ୍ଷମ ଚାରା ସୃଷ୍ଟି କରିବାରେ ସହାୟକ ହେବ, ସ୍ୱାବଲମ୍ବୀ ଭାବେ ଗଢ଼ି ତୋଳିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଶିକ୍ଷକ ଭାବେ ବିଜୟ କୁମାର ସେଠୀ ଓ ରଶ୍ମିରଞ୍ଜନ ପରିଡା ଯୋଗଦେଇ ବିଭିନ୍ନ ପ୍ରକାର ଚାରା ତଥା ସେଗୁଡିକର କଲମୀ କରଣ ପଦ୍ଧତି, ବେଣ୍ଡିଂ, ସିଷ୍ଟମ ପ୍ରକ୍ରିୟା କ୍ଲିପିଙ୍ଗ, ଟ୍ରେସିଂ, ଜୈବିକ ସାରର ଉପାଦେୟତା ଏହାର ସୁରକ୍ଷା ଉପରେ ପ୍ରୟୋଗଶାଳାର ମାଧ୍ୟମ ପ୍ରତ୍ୟେକ୍ଷ ଭାବେ ପ୍ରଶିକ୍ଷାର୍ଥୀମାନଙ୍କୁ ବୁଝାଇଥିଲେ।

ପ୍ରଶିକ୍ଷାର୍ଥୀମାନେ ଲେମ୍ବୁଗୋଚ୍ଛା ନର୍ସରୀ ପରିଦର୍ଶନ କରି ଏଠାରେ ଲାଗିଥିବା ଚାରା ଓ ଏହାର ଯତ୍ନ ସମ୍ପର୍କରେ ତାଲିମଦାତାଙ୍କଠାରୁ ପଚାରି ବୁଝିଥିଲେ। ପ୍ରଶିକ୍ଷାର୍ଥୀମାନେ ସିଇଏସର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଜ୍ଞାନ ପାଇ ବୃକ୍ଷରୋପଣ ପ୍ରଣାଳୀ ପୁସ୍ତକ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ପ୍ରଧାନ ଶିକ୍ଷୟିତ୍ରୀ ସାମଲ ଏହି ତାଲିମ ଶିବିର ଆଗାମୀ ଯୁବପିଢ଼ିଙ୍କ ପାଇଁ ସ୍ୱରୋଜଗାର ବହୁମୁଖୀ ପନ୍ଥା ସୃଷ୍ଟି କରିବା ସହ ଏକ ସନ୍ତୁଳିତ ବତାବରଣ ବଜାୟ ରଖିବାରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଏବଂ କର୍ମଚାରୀ ବୃନ୍ଦ ସହାୟତା କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର

ନୟାଗଡ଼, ୧୭।୨(ଲୋକନାଥ ମିଶ୍ର)

## ୫ ଦଫା ଦାବି ପୂରଣ ନେଇ ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଦାବି

ନୟାଗଡ଼ ଜିଲା ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ରାଜ୍ୟ ସଂଗଠନର ନିଷ୍ପତ୍ତି କ୍ରମେ ୫ ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସୋମବାର ନୟାଗଡ଼ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଦାବି ମଧ୍ୟରେ ୧୯୪ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ବେସରକାରୀ ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀମାନଙ୍କୁ ଅବସର ପରେ ପେନସନ, ସମସ୍ତ ସ୍କୁଲ, କଲେଜକୁ ସରକାରୀକରଣ, ଅବସର ବୟସ ସୀମା ୬୨ ବର୍ଷକୁ ବୃଦ୍ଧି,୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଶିକ୍ଷକଙ୍କୁ ୬ଟି ଜାତୀୟ ଇନକ୍ରିମେଣ୍ଟ ପ୍ରଦାନ ରହିଛି। ସରକାର ଦାବି ପୂରଣ ନ କଲେ ମାର୍ଚ୍ଚ ଦ୍ୱିତୀୟ ସପ୍ତାହରେ ଆନ୍ଦୋଳନ କରିବାକୁ ଚେତାବନୀ ଦିଆଯାଇଛି। ଓଷ୍ଟାର ରାଜ୍ୟ ସମ୍ପାଦକ ମାଣିକେଶ୍ୱର ସ୍ୱାଇଁ, ଜିଲା ଓଷ୍ଟା ସମ୍ପାଦକ ମାନସ କୁମାର ସାହୁ, ଜିଲା ଓଷ୍ଟା ସଭାପତି ଅଯୋଧ୍ୟା ନାଥ ନାୟକ, ଅଲୋଷ୍ଟାର ରାଜ୍ୟ ଯୁଗ୍ମ ସମ୍ପାଦକ କବିରାଜ ବିଶ୍ୱାଳ, ରାଜ୍ୟ ଓଷ୍ଟାର ସଦସ୍ୟ ବିନାୟକ ପରିଡ଼ା, ବ୍ଲକ ସମ୍ପାଦକ ଅଭିମନ୍ୟୁ ମହାନ୍ତି ଓ ପ୍ରଭାକର ମିଶ୍ର ସ୍ମାରକପତ୍ର ଦେବାବେଳେ ଉପସ୍ଥିତ ଥିଲେ।



ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

## ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକ ଉତ୍ସବ

# ପୁସ୍ତକ ପଠନରେ ଛାତ୍ରୀଛାତ୍ରଙ୍କ ଜ୍ଞାନର ଅଭିବୃଦ୍ଧି ଘଟିବ

ଖଣ୍ଡପଡ଼ା,୧୭।୨(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଏନ୍‌ଏସି ଅଧୀନ ଓମ୍ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ପଞ୍ଚାନନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ମୁଖ୍ୟ ବକ୍ତା ଭାବେ ଦଶପଲ୍ଲା ବି.ଏସ. କଲେଜ ଇଂରାଜି ଅଧ୍ୟାପକ ପ୍ରଫେସର ଡ. ସନ୍ତୋଷ କୁମାର ମିଶ୍ର ଯୋଗଦେଇ ପୁସ୍ତକ ପଠନରେ ଛାତ୍ରୀଛାତ୍ରଙ୍କ ଜ୍ଞାନର ଅଭିବୃଦ୍ଧି ଘଟିବାରେ ସହାୟକ ହୋଇଥିବା ବେଳେ ଆଜିର ସମାଜରେ ଏହାର ବିଶୃଙ୍ଖଳା ଦେଖା ଦେଉଛି। ପିଲାମାନେ କୁସଙ୍ଗରେ ପଡି ବିପଥଗାମୀ ହେଉଛନ୍ତି। ଏହାର ନିରାକରଣ ତଥା ଶିଶୁଟିର ସୁରକ୍ଷା ଦୃଷ୍ଟିରୁ ସମାଜରେ ପ୍ରତ୍ୟେକ ମାତାପିତା ତଥା ସମ୍ପର୍କୀୟମାନେ ଏ ଦିଗରେ ଯତ୍ନବାନ ଓ ସଚେତନ ହୋଇ କାର୍ଯ୍ୟ ସମ୍ପାଦନ କଲେ ପିଲାମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହୋଇପାରିବ। ବିଶେଷକରି ଅଭିଭାବକମାନେ ପିଲାର ପ୍ରତିଭାକୁ ଉତ୍ସହିତ କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ୟୁନିଟେକ ଗ୍ରୁପ ଅଫ ଇନଷ୍ଟିଚୁଶନ ଚେୟାରମ୍ୟାନ ପ୍ରଦୀପ କୁମାର ପୃଷ୍ଟି, ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଦୀପ କୁମାର ପାଇକରାୟ ପ୍ରମୁଖ ଯୋଗଦେଇଥିଲେ। କୁନି ଛାତ୍ରୀ ସଂଘମିତ୍ରା ଓ ବର୍ଷାରାଣୀ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ସୀତାରାମ ସାହୁ ବାର୍ଷିକ ବିବରଣୀ ପଠନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବାବେଳେ ପୂର୍ବରୁ ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଦୀପ କିଶୋର ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇ ସହଯୋଗ କରିଥିଲେ।

# ମିଲରଙ୍କ ମନମାନିରେ ଧାନ କିଣା, ଚାଷୀ ଅସନ୍ତୋଷ

ଖଣ୍ଡପଡ଼ା,୧୭।୨(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଖୋଲିଥିବା ଧାନମଣ୍ଡିରେ ମିଲରଙ୍କ ମନମାନୀରେ ଚାଷୀଙ୍କଠାରୁ ଧାନ କ୍ରୟ କରାଯାଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରତ୍ୟେକ ମଣ୍ଡିରେ ଧାନର ମାନକୁ ନେଇ ମିଲର ଓ ସେବା ସମବାୟ ସମିତି(ପାକ୍ସ)ର ସମ୍ପାଦକମାନେ ବେଶ ଫାଇଦା ଉଠାଉଥିବା ବେଳେ ଚାଷୀମାନେ ଶୋଷଣର ଶିକାର ହେଉଥିବା ଅଭିଯୋଗ ହେଉଛି। ପ୍ରତ୍ୟେକ ମଣ୍ଡିରେ ଧାନକ୍ରୟ ବେଳେ କୁଇଣ୍ଟାଲ ପିଛା ୭ରୁ ୯ କେଜି ଧାନ କଟା ଯାଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଚାଷୀମାନେ ବ୍ଲକ ଯୋଗାଣ ନୀରିକ୍ଷକଙ୍କଠାରୁ ଆରମ୍ଭ କରି ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ କୌଣସି ସୁଫଳ ମିଳି ନ ଥିବା ଜଣାପଡିଛି। ସେହିପରି ନିର୍ଦ୍ଧାରିତ ଦିନ ଓ ସମୟରେ ମିଲର କର୍ତ୍ତୃପକ୍ଷ ମଣ୍ଡିରେ ଉପସ୍ଥିତ ରହୁ ନ ଥିବାରୁ ଧାନ କିଣାରେ ସମସ୍ୟା ସୃଷ୍ଟି ହେଉଛି। ଅଧିକାଂଶ ମଣ୍ଡିରେ ଶହ ଶହ ଧାନ ବସ୍ତା ମହଜୁଦ ରଖିବା ନିମନ୍ତେ ସ୍ଥାନର ଅଭାବ ଦେଖାଦେଇଛି। ଫଳରେ ଚାଷୀ ରାସ୍ତାପାର୍ଶ୍ୱରେ ଧାନ ବସ୍ତାଗୁଡ଼ିକ ଗଦା ମାରି ଜଗି ରହିଥିବା ଦେଖିବାକୁ ମିଳିଛି। ଚାଷୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଧାନମଣ୍ଡି ଖୋଲିଥିବା ପ୍ରତ୍ୟେକ ପାକ୍ସରେ ଧାନବସ୍ତା ମହଜୁଦ ରଖିବା ଲାଗି ଏକ ଗୋଦାମ ଗୃହ ନିର୍ମାଣର ଆବଶ୍ୟକତା ଥିବାରୁ ଏ ଦିଗରେ ପ୍ରଶାସନିକ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



ମଣ୍ଡିରେ ଧାନ ବସ୍ତା ସବୁ ପଡ଼ିଛି।

ଖଣ୍ଡପଡ଼ା ବ୍ଲକ ଅଧୀନ କିଆଝର ପାକ୍ସରେ ଧାନ କିଣାକୁ କେନ୍ଦ୍ର କରି ସ୍ଥାନୀୟ ଅଞ୍ଚଳର ଚାଷୀମାନେ ସମ୍ପାଦକ ଓ ସଭାପତିଙ୍କୁ ଘେରି ପାଟିତୁଣ୍ଡ କରିବା ଘଟଣା ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ପ୍ରଶାସନିକ ଅଧିକାରୀ ଏ ଦିଗରେ ମୁଣ୍ଡ ନ ଖେଳାଇ ନୀରବ ରହିବା ଘଟଣା ପରୋକ୍ଷରେ ମିଲର କର୍ତ୍ତୃପକ୍ଷଙ୍କୁ ସୁହାଉଛି। ମଣ୍ଡିରେ ଧାନ ବିକ୍ରି ନିମନ୍ତେ ଚାଷୀମାନଙ୍କୁ ମିଳିଥିବା ଟୋକନର ଅବଧି ଶେଷ ହୋଇଥିଲେ ହେଁ ଅଦ୍ୟାବଧି ଧାନ କ୍ରୟ କରାଯାଇ ନ ଥିବା ଅଭିଯୋଗ ହେଉଛି। ଖଣ୍ଡପଡ଼ା ବ୍ଲକ ଯୋଗାଣ ନିରୀକ୍ଷକ ଓ ଜିଲା ଯୋଗାଣ ଅଧିକାରୀ ଏ ଦିଗରେ ଦୃଷ୍ଟି ଦେଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି।

DSPL - 388

## ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା

### ସୂଚନା

ଦ୍ୱାଦଶ ଶ୍ରେଣୀ ବାର୍ଷିକ ଉଚ୍ଚ ମାଧ୍ୟମିକ ପରୀକ୍ଷା ୨୦୨୫ ଚଳିତ ବର୍ଷ ତା.୧୮.୦୨.୨୦୨୫ ଠାରୁ ଆରମ୍ଭ ହେଉଛି । ଏଥିପାଇଁ ପରିଷଦ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଉଛି ।

ପରୀକ୍ଷାରେ ସ୍ୱଚ୍ଛତା, ନିରପେକ୍ଷତା ଓ ପବିତ୍ରତା ଅବଲମ୍ବନ କରିବା ପାଇଁ ପରିଷଦ ସମସ୍ତ ପ୍ରକାର ଆୟୋଜନ କରିଛି । ପୋଲିସ ପ୍ରଶାସନ, ଜିଲ୍ଲା ପ୍ରଶାସନ ସମେତ ସମସ୍ତ ସରକାରୀ ବିଭାଗ ସଦା ଜାଗ୍ରତ ଅଛନ୍ତି ଏବଂ ନିର୍ବିଘ୍ନରେ ପରୀକ୍ଷା ପରିଚାଳନା ପାଇଁ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି । ପରୀକ୍ଷା ସମ୍ବନ୍ଧୀୟ ବିଭ୍ରାନ୍ତିକର, କପୋଳକଳ୍ପିତ, ମିଥ୍ୟା ଖବର ପ୍ରଚାର କରୁଥିବା ବ୍ୟକ୍ତି, ଅନୁଷ୍ଠାନମାନଙ୍କୁ ଏପରି ନ କରିବାକୁ ସତର୍କ କରାଇ ଦିଆଯାଉଛି ।

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ପୁଣି ଥରେ ସମସ୍ତ ପରୀକ୍ଷାର୍ଥୀଙ୍କୁ ଶୁଭେଚ୍ଛା ଜଣାଉଛି ।

ଶୁଭଶ୍ରୀ ନନ୍ଦ, ଅଧ୍ୟକ୍ଷା

OIPR-11003/13/0016/2425

## ସଂକ୍ଷେପରେ

### ବିଦ୍ୟୁତ୍ ଶର୍ଟସର୍କିଟରୁ ଅଗ୍ନିକାଣ୍ଡ

**କଳିଙ୍ଗନଗର, ୧୭।୨ (ଶୁଭାଶିଷ ରାଉତ):** ଦାନଗଦି ତହସିଲ ଅନ୍ତର୍ଗତ ଶାଳିଜଙ୍ଗା ପଞ୍ଚାୟତର ବାଲିଆପାଳ ଗ୍ରାମରେ ସୋମବାର ସକାଳେ ଗଣେଶ ଗାଗରାଇ ଘରେ ବିଦ୍ୟୁତ୍ ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିଲା। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କିନ୍ତୁ ସେତେବେଳେକୁ ଘରଟି ସମ୍ପୂର୍ଣ୍ଣ ଜଳି ସାରିଥିଲା। ଏହି ଅଗ୍ନିକାଣ୍ଡରେ ବହୁ ଆସବାବପତ୍ର ଓ ଘରୋଇ ସାମଗ୍ରୀ ନଷ୍ଟ ହୋଇଛି। ଖବର ପାଇ ଶାଳିଜଙ୍ଗା ସରପଞ୍ଚ ଓ ରାଜସ୍ୱ ନିରୀକ୍ଷକ ତଦନ୍ତ କରି କ୍ଷୟକ୍ଷତି ଆକଳନ କରିଛନ୍ତି । ଦାନଗଦି ତହସିଲ ପକ୍ଷରୁ ଅଗ୍ନିବିପନ୍ନ ପରିବାରବର୍ଗଙ୍କୁ ଏକ ପଲିଥିନ ଯୋଗାଇ ଦିଆଯାଇଛି। ସେମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିବାକୁ ସ୍ଥାନୀୟ ଗ୍ରାମବାସୀ ପକ୍ଷରୁ ଦାବି କରିଛନ୍ତି।

# ଗହୀରମଥାରେ ୨ଶହ ଅଲିଭ୍‌ରିଡ୍‌ଲେଙ୍କ ବିକ୍ଷିପ୍ତ ଅଣ୍ଡାଦାନ

**ରାଜନଗର, ୧୭।୨ ( ଭାସ୍କର ରାଉତରାୟ ):** ଅଲିଭ୍ ରିଡଲେ କଇଁଛଙ୍କ ଅନ୍ତୁଡିଶାଳ ରୂପେ ପରିଚିତ ଗହୀରମଥାରେ ବିକ୍ଷିପ୍ତ ଭାବେ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ଗହୀରମଥାର ନାସୀ-୨, ପେଣ୍ଠ, ଜଉଡିଆ, ହବାଲିଖଟି ଆଦି ସ୍ଥାନରେ ଅଲିଭ୍ ରିଡ୍‌ଲେ କଇଁଛ ବିକ୍ଷିପ୍ତ ଭାବେ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ସୋମବାର ସୁଦ୍ଧା ୨୦୦ରୁ ଅଧିକ କଇଁଛ ବିକ୍ଷିପ୍ତ ଭାବେ ଅଣ୍ଡା ଦେଇ ସାରିଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅଣ୍ଡାଗୁଡିକୁ ସଂଗ୍ରହ କରାଯାଇ ବନ ବିଭାଗ ପକ୍ଷରୁ କରାଯାଇଥିବା ହାଚେରିରେ ରଖାଯାଇଛି। ଯେଉଁ ଆକୃତିର ଗାତ ଖୋଳି ଏବଂ ଯେତିକି ଗଭୀର ଗାତ ଖୋଳି ମା' କଇଁଛ ଅଣ୍ଡା ଦେଇଛି, ସମାନ ଆକୃତି ଓ ସମାନ ଗଭୀରର ଗାତ ଖୋଳି ଅସ୍ଥାୟୀ ହାଚେରିରେ ଅଣ୍ଡାଗୁଡ଼ିକୁ ରଖାଯାଇ ବାଲି ବନ ବିଭାଗର କର୍ମଚାରୀମାନେ ଘୋଡ଼ାଇ ଦେଇଛନ୍ତି। ଫେବୃଆରୀ ୧୭ ହୋଇଥିଲେ ମଧ୍ୟ ଏଯାଏଁ ଅଲିଭ୍ ରିଡ୍‌ଲେ କଇଁଛ ଗଣ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇନାହାନ୍ତି। ସମୁଦ୍ର କୂଳଠୁଁ ଦେଢ଼ କି.ମି. ମଧ୍ୟରେ ସାତଭାୟାରୁ ନାସୀ-୨ ଯାଏ ଲକ୍ଷାଧିକ କଇଁଛ ଭିଡ଼ ଜମାଇବା ସହ ପାଣି ଉପରକୁ ମୁଣ୍ଡ ଟେକିବାର ବିରଳ ଦୃଶ୍ୟ ଦେଖିବାକୁ ମିଳିଛି। ପାଗ ଅନୁକୂଳ ସହ କୂଳକୁ ଅଲିଭ୍ ରିଡଲେ କଇଁଛ ଆସୁଥିବାରୁ ଗଣ ଅଣ୍ଡାଦାନ ପ୍ରକ୍ରିୟା ଯେକୌଣସି ମୁହୂର୍ତ୍ତରେ ହୋଇପାରେ ବୋଲି ବନ ବିଭାଗ ପକ୍ଷରୁ କୁହାଯାଉଛି। ଚଳିତବର୍ଷ ଋଷିକୁଲ୍ୟା ମୁହାଣରେ କଇଁଛ ଗଣ ଅଣ୍ଡାଦାନ ପ୍ରକ୍ରିୟା ୨ ଦିନ ହେଲା ଆରମ୍ଭ ହୋଇସାରିଛି।


ଗହୀରମଥା ଅଞ୍ଚଳରେ ସମୁଦ୍ରତଟରେ ଅଲିଭ୍ ରିଡ୍‌ଲେ କଇଁଛ ଅଣ୍ଡାଦାନ କରୁଛନ୍ତି ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ବଣ୍ଟି


@ ଯତୀନ


@ ପ୍ରଭାସ


@ ପ୍ରିୟଙ୍କା


@ ସୋମନାଥ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଦକ୍ଷିଣରାୟ ମହାପାତ୍ରଙ୍କ ପଦ ଗ୍ରହଣ, ରାଜ ଅଭିଷେକ ଉତ୍ସବ


ଆଲୋକ ବଡଜେନା ଦକ୍ଷିଣରାୟ ମହାପାତ୍ର ପଦ ଗ୍ରହଣ କରୁଛନ୍ତି।

**କାଏମା, ୧୭।୨ (ଶିବପ୍ରସାଦ ମହାନ୍ତି):** ଯାଜପୁର ଜିଲା ଧର୍ମଶାଳା ବ୍ଲକ କୋଟପୁର ପଞ୍ଚାୟତ ଜେନା ସାହିଠାରେ ପଦ ଗ୍ରହଣ ଓ ରାଜ ଅଭିଷେକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ସାଆନ୍ତ ସୁବାସ ଚନ୍ଦ୍ର ଦକ୍ଷିଣରାୟ ମହାପାତ୍ରଙ୍କ ଦେହାନ୍ତ ପରେ ତାଙ୍କ ଜ୍ୟେଷ୍ଠପୁତ୍ର ଆଲୋକ ବଡଜେନା ଦକ୍ଷିଣରାୟ ମହାପାତ୍ର ପଦ ଗ୍ରହଣ କରିଛନ୍ତି। ଏହି ଅବସରରେ ଜେନାସାହିରେ ଏକ ବର୍ଣ୍ଣାଢ଼୍ୟ ପରିବେଶରେ ରାଜ ଅଭିଷେକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ କଳକଳାଗଡ଼ର ରାଜା ସାହେବ ଉଜ୍ଜ୍ୱଳ ପ୍ରଦୀପ ନାରାୟଣ ବିଦ୍ୟାଧର ମହାପାତ୍ର ଓ ରାଣୀ ପ୍ରଭାବତୀ ବିଦ୍ୟାଧର ମହାପାତ୍ର, ବଉଧାଗଡ଼ର ସାମନ୍ତ (ମହନପୁର) ଅଞ୍ଜନ କୁମାର ଠିଆର ସେଣ୍ଡ ମହାପାତ୍ର, ମିର୍ଜାପୁରର ବସନ୍ତ କୁମାର ରାଉତରାୟ ମହାପାତ୍ର, ଅରେଇକଣାର ସାଆନ୍ତ ଶିଶିରକାନ୍ତ ଦକ୍ଷିଣ ମହାପାତ୍ର, ଯାଜପୁର ଗୁହାଳିର ସାମନ୍ତ ଚୌଧୁରୀ ଦେବପ୍ରସାଦ ଦକ୍ଷିଣରାୟ ମହାପାତ୍ର, ବାଲିଆର ସାଆନ୍ତ ନୃସିଂହ ଚରଣ ଦଳରାୟ ମହାପାତ୍ର, ବ୍ରହ୍ମବରଦାର ସାଆନ୍ତ ପ୍ରତାପ ଚନ୍ଦ୍ର ଉଦଣ୍ଡ ରାୟ ମହାପାତ୍ର, ବାଲିଆ ରାଜ ପୁରୋଧା କାର୍ତ୍ତିକ ଚନ୍ଦ୍ର ପ୍ରହରାଜ, ଅଭିମନ୍ୟୁ ବାଲିଆର ଚୌଧୁରୀ ରାଜା ପାର୍ଥ ସାରଥୀ ସାମନ୍ତ ସିଂହାର ମହାପାତ୍ର, ମଧୁପୁରଗଡ଼ ରାଜଜେମା ଅପର୍ଣ୍ଣା ଧୀର ନାରାୟଣ ସିଂହ ଭରଦ୍ୱାଜ ଓ ସାଉଡିଆର ସାଆନ୍ତ ବିପିନ ବିହାରୀ ଦକ୍ଷିଣ ରାୟ ମହାପାତ୍ର ପ୍ରମୁଖ ସହ ବିଭିନ୍ନ ଚଉପାଢ଼ିର ସାଆନ୍ତମାନେ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇଥିଲେ। ସେମାନଙ୍କୁ ଜଣ ଜଣ କରି ପାଲିଙ୍କିରେ ବସାଇ ଓ ରୋଷଣୀ କରି ଗ୍ରାମବାସୀ ଚଉପାଢ଼ିକୁ ବରଣି କରି ଆଣିଥିଲେ। ପରେ ସେମାନେ ପୂଜାରେ ଆସନ ଅଳଙ୍କୃତ କରିଥିବା ଆଲୋକଙ୍କୁ ଉପଢୌକନ ପ୍ରଦାନ କରି ପଦ ସିରିପା ପିନ୍ଧାଇଥିଲେ। ଆଖ ପାଖ ଗାଁରୁ ଲୋକମାନଙ୍କୁ ଏହି ରାଜ ଅଭିଷେକ ଉତ୍ସବରେ ଯୋଗଦେବା ପାଇଁ ନିମନ୍ତ୍ରଣ କରାଯାଇଥିଲା। ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏହି ଉତ୍ସବରେ ଯୋଗ ଦେଇଥିଲେ। ଝିଅ ବୋହୂ ମାନଙ୍କ ହୁଳହୁଳି ସହ ପୁରୋହିତମାନଙ୍କ ବେଦ ଓ ମନ୍ତ୍ର ପାଠ ଧ୍ୱନିରେ ସେହି ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା । ଜେନା ପରିବାରର ପିଲାଠୁ ବୟସ୍କମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଜେନା ପରିବାର ସମୂହ ଏହାକୁ ପରିଚାଳନା କରିଥିଲେ।

# ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ଜମି ବିକୁଛନ୍ତି ନକଲି ଜମି ମାଲିକ

## ରାଜନଗର ଥାନାରେ ଏତଲା

**ରାଜନଗର, ୧୭।୨ (ଭାସ୍କର ରାଉତରାୟ):** ରାଜନଗର ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ନକଲି ଜମି ମାଲିକ ଜମି ବିକୁଥିବା ଅଭିଯୋଗ ହୋଇଛି। ଜମି ଜଣକ ନାମରେ ଥିବାବେଳେ ନକଲି ଆଧାରକାର୍ଡ ପ୍ରସ୍ତୁତକରି ଅନ୍ୟ ଜଣେ ଜମି ବିକ୍ରି କରୁଥିଲେ। ଏହି ଘଟଣାରେ ତହସିଲଦାର ତଥା ସବ୍‌ରେଜିଷ୍ଟ୍ରାର ଅଜୟ କୁମାର ମହାନ୍ତି ରାଜନଗର ଥାନାରେ ସୋମବାର ଏତଲା ଦେଇଛନ୍ତି।

ସୂଚନା ମୁତବକ ରାଜକନିକା ଥାନା ଅନ୍ତର୍ଗତ ଗଞ୍ଜା ଗ୍ରାମର ବୈକୁଣ୍ଠନାଥ ପରିଡ଼ାଙ୍କ ପୁତ୍ର ବିଶ୍ୱରଞ୍ଜନ ପରିଡ଼ାଙ୍କ ରାଜନଗର ତହସିଲର ସାରାଜେନ୍ଦ୍ରପୁର ମୌଜାରେ ଖାତା ନଂ. ୧୩୬/୨୪୫ , ପ୍ଲଟ୍ ନଂ. ୧୯୧/୫୪୯ ରେ ୧ ଏକର ଚାଷଜମି ରହିଛି। ତାଙ୍କର ଓ ତାଙ୍କ ପରିବାର ଲୋକଙ୍କ ଅଜାଣତରେ ୧୪ ତାରିଖରେ ଏହି ଜମି ବିକ୍ରି କରିବାକୁ ଭଦ୍ରକ ଜିଲା ଚାନ୍ଦବାଲି ଥାନା କୃଷ୍ଣନଗର ଗ୍ରାମର ଅର୍ଜୁନ ଦାସଙ୍କ ପୁଅ ବିକ୍ରମ ଦାସ ଓରଫ ବାଲା ରାଜନଗରରେ ପହଞ୍ଚି ଦଲିଲ ଲେଖାଇସାରିଥିଲେ। ଜମି ଥିବା ସାରାଜେନ୍ଦ୍ରପୁର ଗାଁର ବିଷ୍ଣୁପଦ ସେଠୀ ଜମି କିଣିବା ପାଇଁ ଦଲିଲ ଲେଖାହୋଇଥିଲା। ପ୍ରକୃତ ଜମି ମାଲିକ ବିଶ୍ୱରଞ୍ଜନ ଗାଁର ସାଧୁମଣି ସାହୁ ଏହି ଦଲିଲରେ ସାକ୍ଷୀ ଭାବେ ଦସ୍ତଖତ କରିଥିଲେ। ଭେଣ୍ଡର ହେମନ୍ତ କୁମାର ସାହୁ ଦଲିଲ ଲେଖାଇ ସାରିବା ପରେ କବଲା କରିବାକୁ ଉପନିବନ୍ଧକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଉପନିବନ୍ଧକ କାର୍ଯ୍ୟାଳୟର ମୁଖ୍ୟ କିରାଣି ପ୍ରଶାନ୍ତ ମହାକୁଡ ଦଲିଲ ଦେଖିବା ପରେ ଆଧାର କାର୍ଡ ଦେଖି ବିକ୍ରେତାଙ୍କୁ ବୟସ ପଚାରିଥିଲେ। ନକଲି ବିକ୍ରେତା ବୟସ ଭୁଲ୍ କହିଥିଲେ, ଏହା ପରେ ଖୋଳତାଡ଼ କରିବାରୁ ନକଲି କବଲା ହେଉଥିବା ଜଣାପଡ଼ିଥିଲା। ପ୍ରଥମେ କ୍ରେତା, ବିକ୍ରେତା, ସାକ୍ଷୀ ଓ ଦଲିଲ ଲେଖିଥିବା ଭେଣ୍ଡରଙ୍କୁ ଉପନିବନ୍ଧକ କାର୍ଯ୍ୟାଳୟର କର୍ମଚାରୀ ଅଟକାଇଥିଲେ। ପରେ ପୋଲିସରେ ଜିମ ନ ଦେଇ ନକଲି ଜମି ବିକ୍ରେତାଙ୍କୁ ଛାଡ଼ି ଦେଇଥିଲେ। କଥା ବ୍ୟାପିଯିବା ପରେ ୧୫ ତାରିଖରେ ପ୍ରକୃତ ଜମି ମାଲିକ ଗଞ୍ଜା ଗାଁର ବିଶ୍ୱରଞ୍ଜନ ପରିଡ଼ା ରାଜନଗର ସବ୍‌ରେଜିଷ୍ଟ୍ରାରଙ୍କୁ ଏ ସମ୍ପର୍କରେ ଲିଖିତ ଭାବେ ଜଣାଇଥିଲେ। ଏହାପରେ ତହସିଲଦାର ତଥା ସବ୍‌ରେଜିଷ୍ଟ୍ରାର ଅଜୟ କୁମାର ମହାନ୍ତି ରାଜନଗର ଥାନାରେ ନକଲି ଜମି ବିକ୍ରେତା, କ୍ରେତା, ସାକ୍ଷୀ ଓ ଦଲିଲ ଲେଖିଥିବା ଭେଣ୍ଡରଙ୍କ ନାମରେ ଲିଖିତ ଭାବେ ଜଣାଇଛନ୍ତି।

# ଅଷ୍ଟମଙ୍ଗଳାରେ ବାପଘରକୁ ଆସି ଝିଅ ଫେରାର


ପ୍ରଶାନ୍ତ ଓ ମିନତିଙ୍କ ବିବାହ ବେଳର ଫଟୋ ।

**ରାଜନଗର, ୧୭।୨ ( ଭାସ୍କର ରାଉତରାୟ):** ଅଷ୍ଟମଙ୍ଗଳାରେ ପୁଅ, ବୋହୂ ଶ୍ୱଶୁର ଘରକୁ ଯାଇଥିଲେ। ସନ୍ଧ୍ୟାବେଳେ ହଠାତ୍ ବିବାହିତ ଝିଅ ବାପଘରୁ ଫେରାର ହୋଇଯାଇଥିଲେ। ଏ ନେଇ ରାଜନଗର ଥାନାରେ ଶ୍ୱଶୁର ବୋହୂ ଫେରାର ହୋଇଯାଇଥିବା ନେଇ ଅଭିଯୋଗ କରିଥିଲେ। ଶ୍ୱଶୁରଘର ଲୋକେ ଜ୍ୱାଇଁଙ୍କୁ ଆଣି ରାଜନଗର ଥାନାରେ ସୋମବାର ଅପରାହ୍ନ ୧ଟାରେ ପହଞ୍ଚାଇଛନ୍ତି। ମଙ୍ଗଳବାର ଭଦ୍ରଲୋକଙ୍କ ଉପସ୍ଥିତିରେ ଘଟଣାର ସମାଧାନ ହେବ ବୋଲି ଜଣାପଡ଼ିଛି।

ରାଜନଗର ଥାନା ଅନ୍ତର୍ଗତ କଣ୍ଡିରା ପଞ୍ଚାୟତ ବଳରାମପୁର ଗ୍ରାମର ଫକୀର ଚରଣ ଲେଙ୍କାଙ୍କ ପୁଅ ପ୍ରଶାନ୍ତଙ୍କ ବାହାଘର ଗୁପ୍ତି ପଞ୍ଚାୟତ ଗୋପାଳପୁର ଗାଁର ଧରଣୀଧର ଜେନାଙ୍କ ଝିଅ ମିନତୀଙ୍କ ସହିତ ଗତ ୭ତାରିଖରେ ବୈଦିକ ରୀତିରେ ହୋଇଥିଲା। ୧୬ ତାରିଖରେ ଅଷ୍ଟମଙ୍ଗଳା ଥିବାରୁ ଶ୍ୱଶୁରଘର ଲୋକେ ଝିଅ ଓ ଜ୍ୱାଇଁଙ୍କୁ ଘରକୁ ନେଇଥିଲେ। ପୁଅ ପ୍ରଶାନ୍ତ ଦିନତମାମ ଶ୍ୱଶୁରଘରେ ଜ୍ୱାଇଁ ଚର୍ଚ୍ଚା ପାଇଥିଲେ। ମାତ୍ର ସନ୍ଧ୍ୟାରେ ସ୍ତ୍ରୀଙ୍କୁ ଦେଖିବାକୁ ପାଇ ନ ଥିଲେ। ରାତି ୧୦ଟା ଯାଏ ସ୍ତ୍ରୀ ନ ଫେରିବାରୁ କୁଆଡ଼େ ଗଲା ବୋଲି ଶାଶୁ,ଶଳାଙ୍କୁ ପଚାରିଥିଲେ। ପ୍ରଥମେ ମାମୁଘରକୁ ଯାଇଛି କହୁଥିବା ଶ୍ୱଶୁରଘର ଲୋକେ ଶେଷରେ ଝିଅ କୁଆଡ଼େ ଗଲା ଜାଣିନାହୁଁ ବୋଲି କହିଥିଲେ। ପରେ ପ୍ରଶାନ୍ତ ତାଙ୍କ ବାପା ଓ ଭାଇଙ୍କୁ ଏ କଥା ଜଣାଇଲେ। ତାଙ୍କ ଗାଁରୁ କେତେଜଣ ମୁରବି ଆସି ବୁଝିବାରୁ ଝିଅ ଆଉ କାହା ସହ ପଳାଇଯାଇଥିବା ଜାଣିବାକୁ ପାଇଥିଲେ। ସେଠାରେ ଉଭୟ ଗାଁ ଲୋକ ବସି କିଛି ବି ନିଷ୍ପତ୍ତି ନେଇ ନ ପାରିବାରୁ ପ୍ରଶାନ୍ତଙ୍କ ବାପା ଫକୀର ସୋମବାର ଥାନାରେ ଏତଲା ଦେଇଥିଲେ। ପ୍ରଶାନ୍ତ ସ୍ତ୍ରୀ ମିନତୀଙ୍କୁ ଆଣିବାକୁ ଶ୍ୱଶୁରଘରେ ଅଡି ବସିଥିଲେ। ପୋଲିସର ହସ୍ତକ୍ଷେପ ପରେ ଶ୍ୱଶୁରଘର ଲୋକେ ଜ୍ୱାଇଁଙ୍କୁ ଆଣି ଥାନାରେ ପହଞ୍ଚାଇଥିଲେ।

# ହୋଟେଲ ଛାତରୁ ଯୁବକଙ୍କ ମୃତଦେହ ଜବତ: ହତ୍ୟା ସନ୍ଦେହ

**ପାରାଦୀପ, ୧୭।୨ (ଶରତ ରାଉତ):** ପାରାଦୀପ ଆଦର୍ଶଥାନା ପାଖରେ ଥିବା ସନ୍ତୋଷୀ ପ୍ଲାଜା ନାମକ ହୋଟେଲ ଛାତ ଉପରୁ ସୋମବାର ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ପଶ୍ଚିମବଙ୍ଗ ରାଜ୍ୟର ସୁମନ କମଲ (୩୦)। ଛାତ ଉପରେ ଥିବା ଏକ ଲୁହା ପାଇପରେ ବେକରେ ରଶି ବନ୍ଧା ଯାଇଛି। ମୃତକ ଚପଲ ପିନ୍ଧି ଆଣ୍ଠେଇ ବସିଥିବା ପରି ଜଣାପଡୁଛି। ଘଟଣା ରବିବାର ରାତିରୁ ଘଟିଥିଲେ ହେଁ ସୋମବାର ଖରାବେଳେ ଜଣାପଡିଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ ପରେ ବିଜୁ ମେମୋରିଆଲ ହସ୍ପିଟାଲରେ ମୃତଦେହ ସଂରକ୍ଷିତ ରଖିଛି।

ସୁମନଙ୍କ ସହ ହୋଟେଲ କକ୍ଷରେ ରହୁଥିବା ପଶ୍ଚିମବଙ୍ଗର ଦୁଇଜଣ ସହଯୋଗୀ ଏବଂ ଜଣେ ହୋଟେଲ କର୍ମଚାରୀଙ୍କୁ ନେଇ ଥାନାରେ ଅଟକ ରଖିଛି। ଏଥିସହ ମୃତକଙ୍କ ଘର ଲୋକଙ୍କୁ ଖବର ଦିଆଯାଇଛି। ଘରଲୋକ ପହଞ୍ଚିବା ପରେ ସେମାନଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ ହେବ ବୋଲି ପୋଲିସ କହିଛି। ସୁମନ ଓ ତାଙ୍କ ୨ ଜଣ ସହଯୋଗୀ ଏକ କମ୍ପାନୀ ଅଧୀନରେ କାମ କରୁଥିବା ଠିକାସଂସ୍ଥାର ସର୍ଭେୟର ଶ୍ରମିକ ଭାବେ କାର୍ଯ୍ୟରତ ଥିଲେ। ଫେବୃଆରୀ ୩ ରୁ ସେମାନେ ଉକ୍ତ ହୋଟେଲରେ ରହି ଆସୁଛନ୍ତି। ସବୁଦିନ ସକାଳୁ କାମକୁ ଯାଇ ସନ୍ଧ୍ୟାରେ ଫେରିଥାନ୍ତି। ରବିବାର ରାତିରେ ବାହାରେ ଖାଇ ରୁମକୁ ଯାଇଥିଲେ। ତେବେ ସୁମନ କେତେବେଳେ ଓ କେମିତି ହୋଟେଲର ଛାତକୁ ଗଲେ ସେ ବିଷୟରେ ଅନ୍ୟ ଦୁଇଜଣ ସ୍ପଷ୍ଟ କରିନାହାନ୍ତି। ପୋଲିସ ସାଇଣ୍ଟିଫିକ ଟିମ୍ ଜରିଆରେ ଏହି ଘଟଣାର ତଦନ୍ତ ଚଳାଇଛି।

# ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

**ପାଟଣା, ୧୭।୨ (ବୀରକିଶୋର ଦାଶ):** କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଖିରେଇଟାଙ୍ଗିରୀ ପଞ୍ଚାୟତ ଡଳଙ୍ଗ ଗ୍ରାମରେ ସୋମବାର ଅପରାହ୍ନରେ ପୋଖରୀରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ଗ୍ରାମର କୃଷ୍ଣଚନ୍ଦ୍ର ମହାନ୍ତ(୭୫)।ସେ ଗାଧୋଇବାକୁ ଯାଇଥିବା ସମୟରେ ଅସାବଧାନତା ଯୋଗୁ ପୋଖରୀରେ ବୁଡି ଯାଇଥିଲେ। ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସ ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ମୃତଦେହ ଜବତ କରି ତଦନ୍ତ କରୁଛି।

# ଲଘୁ ଖଣିଜ ସାମଗ୍ରୀ ଅଭାବକୁ ନେଇ ଚିନ୍ତା

## ଯାଜପୁର, ଭଦ୍ରକ, କେନ୍ଦ୍ରାପଡା ଜିଲାପାଳଙ୍କୁ ପତ୍ର ଲେଖିଲା ଜଳ ସମ୍ପଦ ବିଭାଗ

**ଯାଜପୁର, ୧୭।୨ (ହର୍ଷବର୍ଦ୍ଧନବେହେରା):** ଯାଜପୁର, ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲାର ଜଳ ସମ୍ପଦ ବିଭାଗ ପକ୍ଷରୁ ଚାଲିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟ ବୋଲଡର, ଗେଟି, ଚିପ୍ସ, ମୋରମ, ବାଲି ଇତ୍ୟାଦିର ଅଭାବ କାରଣରୁ ବନ୍ଦ ପଡିଛି। ବିଶେଷକରି ବନ୍ୟା ନିୟନ୍ତ୍ରଣ ଏବଂ ଜଳସେଚନ ପ୍ରକଳ୍ପ କାର୍ଯ୍ୟଗୁଡିକ ଏଥିପାଇଁ ପ୍ରଭାବିତ ହେଉଛି। ଏନେଇ ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ସିଷ୍ଟମ ମୁଖ୍ୟଯନ୍ତ୍ରୀ ଓ ବେସିନ ମ୍ୟାନେଜର, ଯାଜପୁର ଜଳସମ୍ପଦ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀଙ୍କ ସମେତ ବିଭିନ୍ନ ଠିକାସଂସ୍ଥା ରାଜ୍ୟ ଜଳସମ୍ପଦ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାପରେ ଜଳ ସମ୍ପଦ ବିଭାଗ ପକ୍ଷରୁ ଅତିରିକ୍ତ ସଚିବ ଆରତୀ ରାଉତ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ଉପରୋକ୍ତ କଞ୍ଚାମାଲର ଅଭାବୀ ଦୂର କରିବାକୁ ୩ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। ତେବେ ନଦୀନାଳ ଭରା ଏହି ଜିଲାଗୁଡ଼ିକରେ ଲଘୁ ଖଣିଜ ସମ୍ପଦ ବାଲି ଚୋରି କାରବାର ଅଣାୟତ୍ତ ହୋଇ ବାହାର ଅଞ୍ଚଳକୁ ଚାଲାଣ କରାଯାଉଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ମତ ପ୍ରକାଶ ପାଇଛି। ଏହାସହ ଯାଜପୁର ଜିଲାର ଧର୍ମଶାଳା ତହସିଲ ଅଞ୍ଚଳରେ ଥିବା ସମସ୍ତ ୮୪ କଳାପଥର ଖାଦାନ ପାଇଁ ଲିଜ୍ ଦିଆଯାଇ ନ ଥିବାରୁ ବୋଲଡର, ଗେଟି ଓ ଚିପ୍ସ ଭଳି ନିହାତି ଆବଶ୍ୟକ ନିର୍ମାଣ ସାମଗ୍ରୀର ଅଭାବ ଦେଖା ଦେଉଥିବା ଚର୍ଚ୍ଚା ହେଉଛି।

ଧର୍ମଶାଳା ତହସିଲରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଲିଜ୍ ଦିଆଯାଇ ନ ଥିବା ଖାଦାନରୁ ଦିନରାତି ବେଆଇନ ଉତ୍ତୋଳନ ସଂକ୍ରାନ୍ତରେ ପୂର୍ବରୁ ଅଞ୍ଚଳବାସୀ ରାଜସ୍ୱ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ବି କିଛି ସୁଫଳ ମିଳୁନାହିଁ। ଏପରି କି ଧର୍ମଶାଳା ବିଧାୟକ ଲିଜ୍ ଦିଆଯାଇ ନ ଥିବା ଖାଦାନଗୁଡିକରୁ ତୁରନ୍ତ ଆଇନ ଅନୁଯାୟୀ ଲିଜ୍ ଦେବାକୁ ପୂର୍ବରୁ ଅନୁରୋଧ କରିଥିଲେ ବି କେହି ଶୁଣି ନାହାନ୍ତି। ଏଥିରୁ ଅନେକ କୋଟି ଟଙ୍କାର କଳାପଥର ଲୁଟ୍ କାରବାରରେ କେତେଜଣ ପ୍ରଶାସନିକ ଅଧିକାରୀଙ୍କ ସଂପୃକ୍ତି ଥିବା ସାଧାରଣରେ ସନ୍ଦେହ କରାଯାଉଛି। ଜିଲା ଲଘୁ ଖଣି ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳରେ ୮୪ କଳାପଥର ଖାଦାନ ରହିଛି। ସେଥିରୁ ମାତ୍ର ୨୨ ଖାଦାନକୁ ଉତ୍ତୋଳନ ପାଇଁ ଅନୁମତି ଦିଆଯାଇ ଇ-ଟ୍ରାନ୍‌ଜିଟ୍ ପାସ୍(ଟିପି) ପ୍ରଦାନ କରାଯାଇଛି। ୯ ଖାଦାନ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲରେ ଥିବାରୁ ସେଗୁଡିକୁ ବନ୍ଦ କରାଯାଇଛି। ଏହାସହ ଭୂସ୍ଖଳନ ପାଇଁ ଗୋଟିଏ, ଗୋଟିଏ ବିଲୁପ୍ତ ପ୍ରାୟ, ୨୫ ଖାଦାନକୁ ନେଇ କୋର୍ଟ କଚେରୀରେ ମାମଲା ଏବଂ ୯ ବୈଧାନିକ ଭାବେ ବିଚାରାଧୀନ ରହିଛି। ଏହାବାଦ୍ ୧୭ଟି ଖାଦାନ ବିଭିନ୍ନ କାରଣରୁ ପରିଚାଳନା ହେଉନାହିଁ। ଲିଜ୍ ଖାଦାନଗୁଡ଼ିକରେ ଗୋଟିଏ ମେଶିନ ଏବଂ ୨ଟି କମ୍ପ୍ରେସର ବ୍ୟବହାର କରିବାକୁ ଅନୁମତି ଥିବାବେଳେ ଲିଜ୍‌ପ୍ରାପ୍ତ ଖାଦାନରେ ଏକାଧିକ ମେଶିନ ବ୍ୟବହାର କରାଯାଉଛି। ଏପରି କି ହାଇକୋର୍ଟରେ ବିଚାରାଧୀନ ଥିବା କଳାପଥର ଖାଦାନଗୁଡିକରୁ ଦିନରାତି କଳାପଥର ଲୁଟ୍ ଚାଲିଛି। ଏଭଳିସ୍ଥିତିରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ପ୍ରଭାବିତ ହେବା ନିଶ୍ଚିତ ବୋଲି ମତପ୍ରକାଶ ପାଇଛି। ତେଣୁ ତୁରନ୍ତ ସମସ୍ତ ଖାଦାନଗୁଡିକୁ ଆଇନ ଅନୁସାରେ ଲିଜ୍ ଦେବା ସହ ଚୋରି କାରବାରକୁ ରୋକା ନ ଗଲେ ଜିଲାରେ ବିଭିନ୍ନ ଲୋକହିତକର ଯୋଜନାର ଉନ୍ନୟନ କାର୍ଯ୍ୟ ଆଗକୁ ଯାଇ ପାରିବ ନାହିଁ ବୋଲି ଆଲୋଚନା ହେଉଛି।



ଏ ସଂକ୍ରାନ୍ତରେ ଯାଜପୁର ଲଘୁ ଖଣି ଉପନିର୍ଦ୍ଦେଶକ ଜୟପ୍ରକାଶ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ସମସ୍ତ ବିଭାଗ କର୍ତ୍ତୃପକ୍ଷଙ୍କୁ ପ୍ରାୟ ୧୫ ଦିନ ତଳେ ଲଘୁ ଖଣିଜ ଦ୍ରବ୍ୟର ଆବଶ୍ୟକତା କେତେ ତାହା ଜଣାଇବାକୁ ପତ୍ର ଦିଆଯାଇଛି। କିନ୍ତୁ ଏଯାଏ କୌଣସି ବିଭାଗ ପକ୍ଷରୁ କିଛି ମିଳିନାହିଁ। ଜିଲାର ସମସ୍ତ ଉନ୍ନୟନ କାର୍ଯ୍ୟର ଲଘୁ ଖଣିଜ ଦ୍ରବ୍ୟର ଆବଶ୍ୟକତା ଉପରେ ବିଭାଗ ତତ୍ପର ରହିଛି।

## ମହିଳାଙ୍କୁ ଅସମ୍ମାନ, ଏତଲା ନ ରଖିବାରୁ ପ୍ରତିବାଦ

# ଗୋଡ଼ିପଡ଼ା ଫାଣ୍ଡି ସମ୍ମୁଖରେ ରାସ୍ତାରୋକୋ

ନୟାଗଡ଼/ଶରଣକୁଳ,୧୭।୨
(ଲୋକନାଥ ମିଶ୍ର/ଦୀପକ କର)

ମହିଳାଙ୍କୁ ଅସମ୍ମାନ ଓ ପୋଲିସ ଏତଲା ନ ରଖିବାରୁ ଗୋଡିପଡ଼ା ଫାଣ୍ଡି ସମ୍ମୁଖରେ ନୂଆ ଜଗନ୍ନାଥ ସଡ଼କରେ ସୋମବାର ସନ୍ଧ୍ୟା ୭ଟାରେ ପୋଲିସ ବିରୋଧରେ ରାସ୍ତାରୋକୋ ଚାଲୁ ରହିଛି। ନ୍ୟାୟ ପାଇଁ ତୋଟାପଡ଼ାର ମହିଳା ଗୋଷ୍ଠୀ ପକ୍ଷରୁ ଖବର ଲେଖା ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିଛି। ଖବରପାଇ ତୋଟାପଡ଼ାର ମହିଳା ସଂଘର ସଭାନେତ୍ରୀ ପ୍ରମିଳା ଦାସଙ୍କ ଅଭିଯୋଗ ଅନୁସାରେ, ଆମ ଗାଁରେ ୫୫ ମହିଳା ଏକଜୁଟ ହୋଇ ଏକ ସଂଘ ଗଠନ କରି ମାସକୁ ମାସ ଟଙ୍କା ଡିପୋଜିଟ କରିଥିଲୁ। ଗାଁର ଜଣେ ମହିଳା ସଂଘରୁ ୬୪ ହଜାର ଟଙ୍କା ନେଇ ଆଉ ଫେରାଇ ନ ଥିଲେ। ପ୍ରାୟ ବର୍ଷେ ହେଲା ଫେରାର ହୋଇ ଯାଇଥିଲେ। ମହିଳା ଜଣଙ୍କ ଘର ତୋଟାପଡା ହୋଇଥିବାବେଳେ ସେ ନୟାଗଡ଼ରେ ବାହା ହୋଇଥିଲେ। ତେବେ ଗାଁରେ ବାପ ଘରେ ରହି ସଂଘରୁ ଟଙ୍କା ନେଇଥିଲେ। ପରେ ଗାଁର ମହିଳାମାନେ ସେମାନଙ୍କ ଟଙ୍କା ପାଇ ପାରି ନ ଥିଲେ। ଶେଷରେ ଟଙ୍କା ପାଇଁ ଗାଁର ମହିଳାମାନେ ବାପ ଘର ଲୋକଙ୍କ ଉପରେ ଚାପ ପ୍ରୟୋଗ କରିଥିଲେ। ଏପରିକି ମହିଳାଙ୍କ କୁରାଳରୁ ଭଉଣୀଭଣୋଇ ଆସି ଗଣ୍ଡଗୋଳ କରିଥିଲେ। ଆମ୍ଭ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ। ଗୋଡିପଡ଼ା ଫାଣ୍ଡି ପୋଲିସ ଆମ ସଂଘର ସଭାପତି, ସମ୍ପାଦକ ଓ ଜଣେ ବାହାର ଲୋକଙ୍କୁ ଖୋଜି ମାମଲା ହେବାକୁ ଧମକ ଦେଇଥିଲେ। ଆମ ସଂଘର ମହିଳାମାନେ ଥାନାରେ ଏତଲା ଦେବାକୁ ଯାଇଥିଲୁ। ହେଲେ ଫାଣ୍ଡି ଅଧିକାରୀ ଆମକୁ ଖରାପ ବ୍ୟବହାର ଦେଖାଇ ଗାଳିଗୁଲଜ କଲେ। ଏପରିକି ଆମ୍ଭ ଏତଲା ନ ରଖି ଫେରାଇ ଦେଲେ। ଏଣୁ ଆମେ ରାସ୍ତାରୋକୋ କରିଛୁ ବୋଲି ସେ କହିଛନ୍ତି। ଗୋଡିପଡ଼ା ଫାଣ୍ଡି ଅଧିକାରୀ କହିଛନ୍ତି, ଟଙ୍କା ନେଇ ଫେରାର ହୋଇଥିବା ମହିଳାଙ୍କ ଭଉଣୀଭିଣୋଇଙ୍କ ବାଇକ୍‌କୁ ନେଇଯିବା ଓ ଜଣେ ବ୍ୟକ୍ତିଙ୍କୁ ରାତି ତମାମ ଅଟକ ରଖିବା ଘଟଣା ଅଭିଯୋଗ ହେବା ପରେ ପୋଲିସ ପଚରାଉଚୁରା କରିଥିଲା। ଏଭଳି ସମୟରେ ମହିଳା ଗୋଷ୍ଠୀ ପକ୍ଷରୁ ଏତଲା ରଖିବାକୁ ବାଧ କରାଯାଇଥିଲା। ପୋଲିସ କିଛି କହିବା ପୂର୍ବରୁ ରାସ୍ତାରୋକୋ କରାଯାଇଛି। ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟସୁଫଳ ମିଳିନାହିଁ।


ଗୋଡିପଡ଼ା ଫାଣ୍ଡି ସମ୍ମୁଖରେ ମହିଳାମାନେ ରାସ୍ତାରୋକୋ କରିଛନ୍ତି।

## ବିବାହ ବନ୍ଧନରେ ଛନ୍ଦି ହେଲେ ରଣଜୀ ଖେଳାଳି ପ୍ରଶାନ୍ତ


ରଣଜୀ ଖେଳାଳି ପ୍ରଶାନ୍ତଙ୍କ ସହ ସୋନିଙ୍କ ବିବାହ ବନ୍ଧନରେ ବାନ୍ଧି ହେଉଛନ୍ତି।

ଖଣ୍ଡପଡ଼ା,୧୭।୨(ଅଜୟ କୁମାର ମହାରଣା)

ଚଳିତବର୍ଷ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ରଣଜୀ ଟ୍ରଫି ଖେଳିବାର ସୁଯୋଗ ପାଇଥିବା ଭାପୁର ବ୍ଲକ ଅଧୀନ ପଥରଚକଡ଼ା ପଞ୍ଚାୟତ ମାଧପୁର ଗ୍ରାମର ସନାତନ ରଣାଙ୍କ ପୁତ୍ର ପ୍ରଶାନ୍ତ ରଣା(ପପୁ) ଇତି ମଧ୍ୟରେ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ସେ ଗତ ୧୪ ତାରିଖରେ ସମ୍ବଲପୁର ଧନୁପାଲ୍ଲୀ ନିବାସୀ ଗୋଲାପ ମଞ୍ଜରୀ ନାୟକ ଓ କୈଳାସ ଚନ୍ଦ୍ର ନାୟକଙ୍କ କନିଷ୍ଠ କନ୍ୟା ସୋନାଲିସା(ସୋନି)ଙ୍କୁ ବିବାହ କରିଛନ୍ତି। ଏହି ପରିପ୍ରେକ୍ଷୀରେ ରଣା ପ୍ରଭୁ ଶ୍ରୀନୀଳମାଧବ ଜୀଉଙ୍କ ଆର୍ଶୀବାଦରୁ କ୍ରିକେଟ ଜଗତରେ ଅଧିକ ସଫଳତା ହାସଲ କରନ୍ତୁ ବୋଲି ତାଙ୍କର ଶୁଭେଚ୍ଛୁ,ସାଙ୍ଗସାଥି ପରିବାର ସ୍ୱଜନ କାମନା କରିଛନ୍ତି।

## ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ କର୍ମଚାରୀଙ୍କ ଅନୁପସ୍ଥିତି

ଓଡଗାଁ, ୧୭।୨ (ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜଲା ଓଡ଼ଗାଁରେ ଅବସ୍ଥିତ ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ନିୟୋଜିତ କର୍ମଚାରୀ ଠିକ୍ ସମୟରେ କାର୍ଯ୍ୟାଳୟକୁ ଆସୁ ନ ଥିବା ନେଇ ଅଭିଯୋଗ ହୋଇଛି। ବର୍ଷ ବର୍ଷ ଧରି ଏହି କାର୍ଯ୍ୟାଳୟରେ କୌଣସି ସ୍ଥାୟୀ ସବ୍‌ରେଜିଷ୍ଟ୍ରାର ଭାବେ ଅବସ୍ଥାପିତ ହେଉ ନ ଥିବା କାରଣରୁ ପ୍ରାୟତଃ ସ୍ଥାନୀୟ ବିଡିଓ କିମ୍ବା ତହସିଲଦାର ଏହି ଦାୟିତ୍ୱ ନିର୍ବାହ କରୁଥିବା ଜଣାଯାଇଛି। ଏହି କାରଣରୁ ଏହି କାର୍ଯ୍ୟାଳୟରେ ନିୟୋଜିତ ଥିବା ମୁଖ୍ୟ କିରାଣିଙ୍କଠାରୁ ଆରମ୍ଭ କରି କନିଷ୍ଠ କିରାଣି ପର୍ଯ୍ୟନ୍ତ ନିୟମିତ ଭାବେ ଠିକ୍ ସମୟରେ ଆସୁ ନ ଥିବା ଦେଖିବାକୁ ମିଳିଛି। ଏପରିକି କେତେଜଣ ଦଲିଲ ଲେଖକଙ୍କ ଜିମାରେ କାର୍ଯ୍ୟାଳୟ ଚାଲିଥିବା ନେଇ ଆଲୋଚନା ହେଉଛି। ଏପରିସ୍ଥଳେ ସୋମବାର ପୂର୍ବାହ୍ନ ୧୦ଟା୫୦ ମିନିଟ୍‌ରେ ବ୍ଲକ ବଜରଙ୍ଗ ଦଳ ଯୁବ ସଂଯୋଜକ ସନ୍ତୋଷ କୁମାର ପ୍ରଧାନ କୌଣସି କାମରେ ଏହି କାର୍ଯ୍ୟାଳୟକୁ ଆସିଥିବା ବେଳେ ସମସ୍ତ ଚୌକି ଖାଲି ପଡ଼ିଥିବା ନେଇ ଦେଖିବାକୁ ପାଇଥିଲେ।

ଏହି ସମୟରେ ଜଣେ କାର୍ଯ୍ୟାଳୟ ସହାୟକ ପହଞ୍ଚିବାରେ କୌଣସି କର୍ମଚାରୀ ଆସି ନ ଥିବା କାରଣ ସମ୍ପର୍କରେ ପଚାରିବାରୁ, ସବୁ ଦୂର ଦୁରାନ୍ତରୁ ଆସୁଥିବା କାରଣରୁ ବିଳମ୍ବ ହେଉଥିବା କହିଥିଲେ। ଏହାସହ କାର୍ଯ୍ୟାଳୟର ସମସ୍ତ ରୁମରେ ସିସି କ୍ୟାମେରା ଲାଗିଥିବା ବେଳେ କେବଳ ନଗଦ ନେଣଦେଣ ପାଇଁ ଗୋଟିଏ ରୁମରେ କ୍ୟାମେରା ଲାଗି ନ ଥିବା କହିଛନ୍ତି। ଏପରିକି ବହୁ ପ୍ରଚଳିତ ବିଳମ୍ବିତ ରେଜିଷ୍ଟ୍ରି ପାଇଁ ନାଲି ଫି ଆଦାୟକୁ ନେଇ ସେ ଆଲୋଚନା କରିଛନ୍ତି। ଏପରିସ୍ଥଳେ ସବ୍‌ରେଜିଷ୍ଟ୍ରର ଦାୟିତ୍ୱରେ ଥିବା ତହସିଲଦାର ଡ. ମାନସ ରଞ୍ଜନ ଭୋଇଙ୍କୁ କର୍ମଚାରୀଙ୍କ ବିଳମ୍ବିତ ଉପସ୍ଥିତି ସମ୍ପର୍କରେ ପଚାରିବାରୁ ସେ ଏ ନେଇ ସେମାନଙ୍କୁ ତାଗିଦ କରିବାକୁ ସହ ଆଗକୁ ଏପରି ହେବ ନାହିଁ ବୋଲି କହିଛନ୍ତି।


ସୋମବାର ପୂର୍ବାହ୍ନ ୧୦ଟା ୫୦ ମିନିଟ୍ ସମୟରେ କାର୍ଯ୍ୟାଳୟରେ କୌଣସି କର୍ମଚାରୀ ନାହାନ୍ତି।

# ତାପସ ଭାଜପାର ଜିଲା ସଭାପତି

ନୟାଗଡ଼,୧୭।୨(ଲୋକନାଥ ମିଶ୍ର)

ଭାଜପାର ନୟାଗଡ଼ ଜିଲା ସଭାପତି ଭାବେ ତାପସ ରଞ୍ଜନ ମାର୍ଥାଙ୍କ ନାଁ ଘୋଷଣା ପରେ ଭାଜପା ଶିବିରରେ ଖୁସିର ମାହୋଲ ଦେଖା ଦେଇଛି। ଏହି ଅବସରରେ ନୟାଗଡ଼ ଟ୍ରାଫିକ୍ ଛକରେ ଓ ଝୁମ୍ପୁଡ଼ି ଗାଁ ଭିତରେ କର୍ମୀ ଓ ନେତାମାନେ ବାଣ ଫୁଟାଇ ମିଠା ବାଣ୍ଟି ଖୁସି ମନାଇଛନ୍ତି। ତାପସ ପୂର୍ବରୁ ଜିଲା ସଭାପତି ଥିଲେ। ଏବେ ୨ୟ ଥର ପାଇଁ ପୁଣି ସଭାପତି ହୋଇଛନ୍ତି। ସଭାପତି ପାଇଁ ଭାଜପାରୁ ୩ଜଣ ପ୍ରାର୍ଥୀପତ୍ର ପକାଇଥିଲେ। ତେବେ ୩ଜଣ ଭିତରୁ କେହି ହେଲେ ସଭାପତି ପଦ ଅକ୍ତିଆର କରି ପାରି ନ ଥିଲେ।

### ବାଣ ବଜାଇ ମିଠା ବାଣ୍ଟି ମନାଇଲେ ଖୁସି



ନୟାଗଡ଼ ଟ୍ରାଫିକ୍ ଛକରେ ଭାଜପା ନେତା ଓ କର୍ମୀମାନେ ଖୁସି ମନାଉଛନ୍ତି।

## ଲଡୁବାବାଙ୍କ ମନ୍ଦିର ହୁଣ୍ଡିରୁ ମିଳିଲା ୪ଲକ୍ଷ ୯୦ହଜାର

ଶରଣକୁଳ, ୧୭।୨(ଦୀପକ କର)

ଦେବୋତ୍ତର ବିଭାଗର ନିର୍ବାହୀ ଅଧିକାରୀ ତଥା ନୟାଗଡ଼ ଉପ ଜିଲାପାଳ କର୍ଣ୍ଣଦେବ ସମାଦାରଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ପ୍ରସିଦ୍ଧ ଶୈବକ୍ଷେତ୍ର ଶରଣକୁଳ ଲଡୁବାବାଙ୍କ ମନ୍ଦିରର ହୁଣ୍ଡି ଖୋଲାଯାଇଛି। ଏଥିରୁ ୪ଲକ୍ଷ ୮୯ହଜାର ୮୦୦ ଟଙ୍କା, ସୁନା ୧୪୬୦ ମିଲିଗ୍ରାମ, ରୁପା ୧୨୫ଗ୍ରାମ ମିଳିଛି। ଏହି ହୁଣ୍ଡି ଖୋଲିଲା ବେଳେ ଓଡ଼ଗାଁ ତହସିଲଦାର ମାନସ ରଞ୍ଜନ ଭୋଇ, ଶରଣକୁଳ ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ, ରାଜସ୍ୱ ପରିଚାଳକ ସୁବାସ ଚନ୍ଦ୍ର ମିଶ୍ର, ରାଜସ୍ୱ ନିରୀକ୍ଷକ ମିନତି ସାହୁ, ଶରଣକୁଳ ଥାନା ଆଇଆଇସି ଦେବେନ୍ଦ୍ର ମହାପାତ୍ର, ଶୈବ ସେବାୟତ ସଂଘ ସମ୍ପାଦକ କୃଷ୍ଣଚନ୍ଦ୍ର ମହାପାତ୍ର, ଦେବୋତ୍ତର ମ୍ୟାନେଜର ତାପସ ରଞ୍ଜନ ପଟ୍ଟନାୟକ, ସୁପରଭାଇଜର ସୁବାସ ଚନ୍ଦ୍ର ବରାଡ, ଶୈବ ସେବାୟତ ସଂଘର ପୂର୍ବତନ ସଭାପତି ତ୍ରିଲୋଚନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ହୁଣ୍ଡିରୁ ବାହାରିଥିବା ଟଙ୍କା ଶରଣକୁଳ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାରେ ଜମା କରାଯାଇଛି।


ଲଡୁବାବାଙ୍କ ହୁଣ୍ଡିରୁ ବାହାରିଥିବା ଟଙ୍କାକୁ ଗଣା ଯାଉଛି।

## ରେଡ୍‌କ୍ରସ ପକ୍ଷରୁ ରକ୍ତଦାନ ଶିବିର

ନୟାଗଡ଼,୧୭।୨(ଲୋକନାଥ ମିଶ୍ର)

ରେଡକ୍ରସ ଓ ନୟାଗଡ଼ ରେଡକ୍ରସ ଭଲ୍ୟୁଣ୍ଟର୍ସ ଫୋରମ୍ ପକ୍ଷରୁ ରବିବାର ଦଶପଲ୍ଲା ବ୍ଲକ ଚଢ଼େୟାପଲ୍ଲୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଶିବିରରେ ମେଡିକାଲ ଅଫିସର ଡା. ମୋନା ଅଲ୍ଲି, ଡା. ରାଜଶ୍ରୀ ସାହୁ ଏବଂ କୁନ୍ଦନ ସାହୁ ଉପସ୍ଥିତ ଥିଲେ। ସେହିପରି ଓମ ସାଇପ୍ରସାଦ ଖାଦ୍ୟ ରଥ ପକ୍ଷରୁ ରନ୍ଧା ଖାଦ୍ୟ ୧୫୦ ଲୋକଙ୍କୁ ବଣ୍ଟନ କରାଯାଇଥିଲା। ଅନ୍ୟପକ୍ଷେ ୨ ରୁ ୫ ବର୍ଷର ଛୋଟ ଛୁଆଙ୍କୁ ଡ୍ରେସ୍, ମହିଳାମାନଙ୍କୁ ଶାଢ଼ି ଏବଂ ପୁରୁଷମାନଙ୍କୁ ଚାଦର ବଣ୍ଟନ କରାଯାଇଥିଲା। ଖାଦ୍ୟ ଓ ବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମକୁ ବିଶ୍ୱଜିତ ପରିଚାଳନା କରିଥିବାବେଳେ ରକ୍ତଦାନ ଶିବିରକୁ ରେଡକ୍ରସ ଭଲ୍ୟୁଣ୍ଟର୍ସ ଫୋରମ୍‌ର ଉପଦେଷ୍ଟା ବିଭୂତି ଭୂଷଣ ପଟ୍ଟନାୟକ ଏବଂ ଯୋଗଗୁରୁ ପ୍ରତାପ କୁମାର ରଣସିଂହ ପରିଚାଳନା କରିଥିଲେ।


@ ବଣ୍ଟି


@ ଯତୀନ


@ ପ୍ରଭାସ


@ ପ୍ରିୟଙ୍କା


@ ସୋମନାଥ

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com
ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଦଶପଲ୍ଲାର ରାମକଥା ପରମ୍ପରା ସାଉଁଟିଲା ଲୋକପ୍ରିୟତା

ନୟାଗଡ଼,୧୭।୨(ଲୋକନାଥ ମିଶ୍ର)

ଆସାମ ରାଜ୍ୟର ବାଇହାତ ଚରିଆଲି ନିକଟସ୍ଥ ପୂବ କାମରୂପ କଲେଜ ଓ ଓଡ଼ିଶାର ଫକୀରମୋହନ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ 'ଦକ୍ଷିଣ ପୂର୍ବ ଏସିଆର ସାହିତ୍ୟ ଏବଂ ସଂସ୍କୃତରେ ରାମାୟଣ' ପ୍ରସଙ୍ଗକୁ ନେଇ ୨ ଦିବସୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅନ୍ତର୍ଜାତୀୟ ଆଲୋଚନାଚକ୍ରରେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ଭାଷା ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର ଯୋଗ ଦେଇଥିଲେ। ଅନ୍ୟପକ୍ଷେ ବହୁ ଦେଶ ବିଦେଶରୁ ପ୍ରଫେସର, ଗବେଷକ, ଗବେଷିକା ମଧ୍ୟ ଯୋଗଦେଇଥିଲେ। ନୟାଗଡ଼ ଜିଲାର ଯୁବ ଗବେଷକ ଚିତ୍ତରଞ୍ଜନ ସାହୁ ଦଶପଲ୍ଲାର ରାମକଥା ପରମ୍ପରା ପ୍ରସଙ୍ଗକୁ ଉପସ୍ଥାପନା କରି ଆସାମ ରାଜ୍ୟରେ ବେଶ ପ୍ରଶଂସା ସାଉଁଟିଛନ୍ତି। ଏଥିରେ ଦଶପଲ୍ଲାର ପ୍ରସିଦ୍ଧ ଲଙ୍କାପୋଡି ଯାତ୍ରାର ବିଷୟ ରହିଥିଲା।

# ଜନମାନସରୁ ହଜିଯିବାକୁ ବସିଛି ଲୋକକଳା ଢୁମ୍ପା ସଙ୍ଗୀତ

### ରାଜ୍ୟ ସରକାରଙ୍କ ଅଣଦେଖା

ଖଣ୍ଡପଡ଼ା,୧୭।୨
(ଅଜୟ କୁମାର ମହାରଣା)

ଗଡଜାତ ଖଣ୍ଡପଡ଼ା ଅଞ୍ଚଳରେ ଏକଦା ପ୍ରସିଦ୍ଧି ଲାଭ କରିଥିବା ଲୋକପ୍ରିୟ ଲୋକକଳା ଢୁମ୍ପା ସଙ୍ଗୀତ ଏବେ ରାଜ୍ୟ ସରକାରଙ୍କ ଅଣଦେଖା ଯୋଗୁ ଜନମାନସରୁ ହଜିଯିବାକୁ ବସିଛି। ରାଜ ରାଜୁଡ଼ା ଅମଳରୁ ଏହି ଲୋକକଳା ପ୍ରଚଳିତ ହୋଇ ଆସୁଥିବାବେଳେ ରାଜ୍ୟର ଆଉ ଅନ୍ୟ କୌଣସି ସ୍ଥାନରେ ଢୁମ୍ପା ସଙ୍ଗୀତ ଲୋକକଳା ଦେଖିବାକୁ ମିଳେନାହିଁ। ରାଜ୍ୟରେ ପ୍ରଚଳିତ ବିଭିନ୍ନ ପ୍ରକାରର ଲୋକକଳା ମଧ୍ୟରେ ଖଣ୍ଡପଡ଼ା ଢୁମ୍ପା ସଙ୍ଗୀତର ସ୍ୱତନ୍ତ୍ର ଆଦର, ପରିଚୟ ରାଜ୍ୟ ଓ ରାଜ୍ୟ ବାହାରରେ ରହି ଆସିଛି। ଖଣ୍ଡପଡ଼ା ଅଞ୍ଚଳର କଳାକାରମାନେ ପଶ୍ଚିମବଙ୍ଗ(କଲିକତା), ଆନ୍ଧ୍ରପ୍ରଦେଶ, ଛତିଶଗଡ଼ ରାଜ୍ୟରେ ମଧ୍ୟ ଢୁମ୍ପା ସଙ୍ଗୀତ ପରିବେଷଣ କରି ପ୍ରଶଂସାର ପାତ୍ର ହୋଇ ପାରିଛନ୍ତି। ମାତ୍ର ଏହି ଧରଣର ଲୋକକଳାକୁ ଆଗାମୀ ଯୁବ ପିଢି ପାଇଁ ବଞ୍ଚାଇ ରଖିବା ଏବେ କଷ୍ଟକର ବ୍ୟାପାର ବୋଲି ଜଣାପଡିଛି। ଅନେକ କଳାକାର ଇହଧାମ ତ୍ୟାଗ କରିଥିବା ବେଳେ ଏବେ ଖଣ୍ଡପଡ଼ା ଅଞ୍ଚଳର ଦୀନବନ୍ଧୁ ଦାସ, ଭାରତୀ ମିଶ୍ର, ରମେଶ ଚନ୍ଦ୍ର ମହାନ୍ତି, ବିପିନ ବିହାରୀ ରଥ, ଲକ୍ଷ୍ମୀକାନ୍ତ ଦାସ, ଦୀପକ କୁମାର ମିଶ୍ର, ସଚ୍ଚିକାନ୍ତ ମହାପାତ୍ର ପ୍ରମୁଖ କେତେଜଣ ପୁରୁଖା ବ୍ୟକ୍ତି ଓ ଯୁବ ଗୋଷ୍ଠୀ ବର୍ଷର କେତେବେଳେ କେମିତି ଢୁମ୍ପା ସଙ୍ଗୀତ ପରିବେଷଣ କରୁଛନ୍ତି। ଖଣ୍ଡପଡା କଳାବିକାଶ ପରିଷଦ ପକ୍ଷରୁ ଏହି ଲୋକକଳା ଢୁମ୍ପା ପରମ୍ପରାକୁ ଉଜ୍ଜୀବିତ କରିବା ଦିଗରେ ପ୍ରୟାସ ଜାରି ରଖିଥିବା ବେଳେ ଏ ଦିଗରେ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ଅନୁଷ୍ଠାନର ସଭାପତି ପ୍ରଦୀପ କିଶୋର ମିଶ୍ର ଦାବି କରିଛନ୍ତି।

ଖଣ୍ଡପଡ଼ାର ତତ୍କାଳୀନ ରାଜାମାନେ ବର୍ଷର ବିଭିନ୍ନ ସମୟରେ ଢୁମ୍ପା ସଙ୍ଗୀତର ମଜା ନେଉଥିବା ନଜିର ରହିଛି। ଢୁମ୍ପା ସଙ୍ଗୀତର ତାଳ ସହ ବାଦ୍ୟଯନ୍ତ୍ରର ମେଳ ଏହି ଧରଣର ଲୋକକଳାକୁ ବେଶ ଲୋକପ୍ରିୟ କରିବାରେ ସମର୍ଥ ହୋଇଥିବା ବେଳେ ରାଧାକୃଷ୍ଣଙ୍କ ପ୍ରେମ ଓ ଶୃଙ୍ଗାର ରସ ଉପରେ ସମସ୍ତ ଢୁମ୍ପା ସଙ୍ଗୀତ ଆଧାରିତ। ଢୁମ୍ପା ସଙ୍ଗୀତର ରଚୟିତା ବିଶ୍ୱବିଖ୍ୟାତ ଜ୍ୟୋର୍ତିବିଦ୍ ପଠାଣି ସାମନ୍ତଙ୍କ ପୁତ୍ର ଗଦାଧର ସିଂହସାମନ୍ତ ବୋଲି ଜଣାପଡିଛି। ଢୁମ୍ପା ସଙ୍ଗୀତରେ ବାଦ୍ୟଯନ୍ତ୍ର ଭାବେ ଜଙ୍ଗଲରେ ଉପଲବ୍ଧ ହେଉଥିବା ଭେଣ୍ଡିଆ ମର୍ଦ୍ଦନ ଗଛର ଗଣ୍ଡିକୁ ଏକ ସ୍ୱତନ୍ତ୍ର ଉପାୟରେ ସଂଗ୍ରହ କରାଯାଇ ବ୍ୟବହାର କରାଯାଇଥାଏ। ଏବେ ଏହି ଗଛ ପ୍ରାୟତଃ ସଂରକ୍ଷିତ ଜଙ୍ଗଲରେ ବିଲୁପ୍ତ ହେବାକୁ ବସିଛି। ଏହି ଗଛର ବୃଦ୍ଧି ଦିଗରେ ବନ ବିଭାଗ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବାକୁ ଖଣ୍ଡପଡ଼ା ଅଞ୍ଚଳର ବହୁ ବୁଦ୍ଧିଜୀବୀ ଓ ସଂସ୍କୃତି ପ୍ରେମୀମାନେ ଦାବି କରଛନ୍ତି। ଢୁମ୍ପା ସଙ୍ଗୀତ ପରିବେଷଣର ସ୍ୱତନ୍ତ୍ରତା ହେଲା ଲୋକ ଗୀତ ସହ ତାଳ ଦେଇ ଗଛର ଗଣ୍ଡିକୁ ଦୁଇପାର୍ଶ୍ୱରେ ବସିଥିବା ବ୍ୟକ୍ତିମାନେ କାଠି ସହାୟତାରେ ବଜାଉଥିବା ବେଳେ ଜଣେ ପେଟୁଆ ବ୍ୟକ୍ତି ମଝିରେ ବସି ରହି ଢୁମ୍ପାକୁ ପେଟରେ ବାଡାଉଥିବା ଦୃଶ୍ୟ ବେଶ ଉପଭୋଗ୍ୟ ଅଟେ। ବିଲୁପ୍ତର ଦ୍ୱାର ଦେଶରେ ପହଞ୍ଚିଥିବା ଏହି ଲୋକକଳାକୁ ଉଜ୍ଜୀବିତ କରି ରଖିବା ଲାଗି ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ କର୍ତ୍ତୃପକ୍ଷ ଜିଲା ପ୍ରଶାସନ ଏବଂ ସର୍ବୋପରି ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଦୃଷ୍ଟି ଦେବାକୁ ଖଣ୍ଡପଡ଼ା ଅଞ୍ଚଳବାସୀ ଦାବି କରିଛନ୍ତି।


କଳାକାରମାନେ ଢୁମ୍ପା ସଙ୍ଗୀତ ବାଦ୍ୟର ତାଳେତାଳେ ଗୀତ ଗାଉଛନ୍ତି।

